## ଦୁର୍ଘଟଣାରେ ଯୁବକ ମୃତ, ୨ ଗୁରୁତର

ଚାନ୍ଦବାଲି,୨।୫(କିଷାନ ପାତ୍ର)

ଚାନ୍ଦବାଲି ବ୍ଲକ ଅଧୀନ ଆମ୍ବିଳି ଗାଁ ଛକ ନିକଟରେ ବାହାଘର ଭୋଜି ଖାଇ ଫେରୁଥିବା ବେଳେ ଦୁର୍ଘଟଣା ଘଟି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବାଲୁକୁରି ଗ୍ରାମର ସଞ୍ଜୟ ସେଠୀ(୨୪)। ତାଙ୍କର ୨ ସାଙ୍ଗ ଗୁରୁତର ହୋଇଛନ୍ତି। ଗୁରୁବାର ଅପରାହ୍ନରେ ସଞ୍ଜୟଙ୍କ ସମେତ ଦୁଇ ସାଙ୍ଗ ଗ୍ରାମର ସାଗର ସେଠୀ(୨୫) ଏବଂ ଆକାଶ ସେଠୀ(୨୭) ଚାନ୍ଦବାଲି ରାଧାକୃଷ୍ଣ ମନ୍ଦିରରେ ଭୋଜି ଖାଇ ଗୋଟିଏ ବାଇକ୍‌ରେ ଫେରୁଥିଲେ। ଆମ୍ବିଳି ଗାଁ ଛକରେ ବାଇକ୍ ଗଛରେ ପିଟି ହୋଇଥିଲା। ଗୁରୁତର ୩ଜଣଙ୍କୁ ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ସଞ୍ଜୟଙ୍କୁ ମୃତ ଘୋଷଣା କରିଥିଲେ।

## ମାଟ୍ରିକ୍ ପରୀକ୍ଷା ଫଳ

# ଜିଲାରେ ପାସ୍‌ହାର ୯୫.୬୭ ପ୍ରତିଶତ

ଭଦ୍ରକ,୨।୫(ସନାତନ ରାଉତ)

ଚଳିତବର୍ଷ ମାଟ୍ରିକ୍ ପରୀକ୍ଷା ଫଳ ଶୁକ୍ରବାର ଅପରାହ୍ନରେ ପ୍ରକାଶ ପାଇଥିବା ବେଳେ ଭଦ୍ରକ ଜିଲାରେ ପାସ୍‌ହାର ୯୫.୬୭ ପ୍ରତିଶତ ରହିଛି। ପୂର୍ବବର୍ଷ ପରି ଏଥର ମଧ୍ୟ ଛାତ୍ରଙ୍କୁ ପଛରେ ପକାଇଛନ୍ତି ଛାତ୍ରୀ। ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଚଳିତବର୍ଷ ୨୦,୫୭୩ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବାବେଳେ ସେମାନଙ୍କ ମଧ୍ୟରୁ ୧୯,୬୮୨ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ୮୯୧ଜଣ ଫେଲ୍ ହୋଇଛନ୍ତି। ଉତ୍ତୀର୍ଣ୍ଣଙ୍କ ମଧ୍ୟରେ ୯,୭୦୬ଜଣ ଛାତ୍ର ଓ ୯,୯୭୬ଜଣ ଛାତ୍ରୀ ଅଛନ୍ତି। ଏ-୧ ଗ୍ରେଡ୍‌ରେ ୬୫, ଏ-୨ରେ ୪୮୩, ବି-୧ରେ ୧୩୨୫, ବି-୨ରେ ୨୯୦୬, ସି ରେ ୫,୭୦୮, ଡି ରେ ୬,୨୪୬, ଇ ରେ ୩,୫୭୯ ଓ ଏଫ୍ ଗ୍ରେଡ୍‌ରେ ୮୮୭ଜଣ ପାସ୍ କରିଥିବା ଜିଲା ଶିକ୍ଷାଧିକାରୀ ଜଗବନ୍ଧୁ ସାହୁ ସୂଚନା ଦେଇଛନ୍ତି। ପରୀକ୍ଷାରେ ୩୩୮ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିବା ବେଳେ ୪ଜଣ ମାଲ୍‌ପ୍ରାକ୍ଟିସ ହୋଇଥିଲେ।

## ସ୍ୱୟଂପ୍ରଭା ଜିଲା ଟପ୍ପର

ଚାନ୍ଦବାଲି,୨।୫ (ଅଶୋକ କୁମାର ପଣ୍ଡା / କିଷାନ ପାତ୍ର)

ମାଟ୍ରିକ୍ ପରୀକ୍ଷାରେ ଚାନ୍ଦବାଲି ବ୍ଲକ ପଞ୍ଚପଡ଼ା ଶିବଦୁର୍ଗା ହାଇସ୍କୁଲ ଛାତ୍ରୀ ସ୍ୱୟଂପ୍ରଭା ନାୟକ ୫୭୭ ନମ୍ବର ରଖି ଜିଲାର ଟପ୍ପର ହୋଇଛନ୍ତି। ଚାନ୍ଦବାଲି ଏନ୍ଏସି ଅଧୀନ କୁସୁମ ଗାଁର ଶିକ୍ଷକ ପ୍ରକାଶ କୁମାର ନାୟକ ଓ ସୁରତୀ


ସ୍ୱୟଂପ୍ରଭା ନାୟକ

ବେହୁରାଙ୍କ ଝିଅ ସ୍ୱୟଂପ୍ରଭା ଭବିଷ୍ୟତରେ ଭାରତୀୟ ପ୍ରଶାସନିକ ଅଧିକାରୀ ହେବାକୁ ଆଶା ରଖିଥିବା କହିଛନ୍ତି। ସେ ଦିନକୁ ୧୨ ଘଣ୍ଟାରୁ ଉର୍ଦ୍ଧ୍ୱ ପରିଶ୍ରମ କରିଥିଲେ। ମା' ବାପାଙ୍କ ସମେତ ପରିବାର ଓ ସ୍କୁଲର ଶିକ୍ଷୟିତ୍ରୀଶିକ୍ଷକଙ୍କ ପ୍ରେରଣା ତାଙ୍କୁ ଏହି ସଫଳତା ଦେଇଛି ବୋଲି ସ୍ୱୟଂପ୍ରଭା କହିଛନ୍ତି।

## ୧୦ ମାସ ପରେ ମା' କୋଳକୁ ଫେରିଲା ଶିଶୁ



ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ସମ୍ବିତ ମାଝୀ ସୂଚନା ଦେଉଛନ୍ତି।

ଭଦ୍ରକ,୨।୫(ସନାତନ ରାଉତ)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ସାରୋ ଗ୍ରାମରୁ ଅପହରଣ ୩ ବର୍ଷର ଶିଶୁପୁତ୍ରଙ୍କୁ ଭଦ୍ରକ ପୋଲିସ ୧୦ ମାସ ପରେ ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଅଞ୍ଚଳରୁ ଉଦ୍ଧାର କରିଛି। ଏନେଇ ଭଦ୍ରକ ଏସ୍‌ପି ଅଫିସରେ ଗୁରୁବାର ସନ୍ଧ୍ୟାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ସମ୍ବିତ ମାଝୀ ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, ଭଣ୍ଡାରିପୋଖରୀ ଥାନା ଅଧୀନ ସରସଦା ଗ୍ରାମର ସୌମ୍ୟରଞ୍ଜନ ଜେନା ସାରୋ ଗ୍ରାମର ସମିତା ଜେନାଙ୍କୁ ୨୦୨୧ରେ ବିବାହ କରିଥିଲେ। ଏକ ଦୁର୍ଘଟଣାରେ ସୌମ୍ୟରଞ୍ଜନଙ୍କ ମୃତ୍ୟୁ ହେବା ପରେ ତାଙ୍କ ୩ବର୍ଷର ପୁଅକୁ ନେଇ ସମିତା ବାପଘର ସାରୋ ଗ୍ରାମରେ ରହୁଥିଲେ। ଶ୍ୱଶୁର ଘର ଲୋକ ପୁଅକୁ ଛାଡ଼ିବାକୁ ନାରାଜ ଥିଲେ। ଏ ନେଇ ସ୍ଥାନୀୟ ସରପଞ୍ଚଙ୍କ ଉପସ୍ଥିତିରେ ଶାଶୁଘର ଲୋକ ଶିଶୁପୁତ୍ରକୁ ଦେଖା କରିପାରିବେ ବୋଲି ନିଷ୍ପତ୍ତି ହୋଇଥିଲା। ୨୦୨୪ ୧୯ ଜୁନ୍‌ରେ ସମିତାଙ୍କ ଦିଅର ଓ ତାଙ୍କ ଭିଣୋଇ ଶିଶୁକୁ ଦେଖା କରିବାକୁ ସାରୋ ଗ୍ରାମକୁ ଆସିଥିଲେ। ଚକୋଲେଟ୍, ବିସ୍କୁଟ୍ ଦେବା ବାହାନାରେ ତାଙ୍କୁ ଘର ବାହାରକୁ ନେବା ପରେ ଅପହରଣ କରି ନେଇଥିଲେ। ଏ ନେଇ ସମିତା ଭଣ୍ଡାରିପୋଖରୀ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା(ନଂ ୩୨୨/୨୪) ରୁଜୁ କରି ତଦନ୍ତ କରୁଥିଲା। ସମସ୍ତ ଅଭିଯୁକ୍ତ ଭଦ୍ରକ ଏସ୍‌ଡିଜେଏମ୍ କୋର୍ଟରେ ଜାମିନ ମଧ୍ୟ ପାଇ ସାରିଥିଲେ। ମୋବାଇଲ ନମ୍ବରକୁ ଟ୍ରାକ୍ କରି ପୋଲିସ ଗୁରୁବାର ଶିଶୁପୁତ୍ରକୁ ଭୁବନେଶ୍ୱର ଚନ୍ଦ୍ରଶେଖରପୁରରୁ ଉଦ୍ଧାର କରି ଭଦ୍ରକ ଆଣିଥିଲା। ଶିଶୁ ମଙ୍ଗଳ କମିଟିରେ ହାଜର କରିବା ପରେ ଶିଶୁପୁତ୍ରକୁ ତାଙ୍କ ମାଙ୍କୁ ହସ୍ତାନ୍ତର କରାଯାଇଥିବା ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି କହିଛନ୍ତି।

## ପହଲଗାମ୍ ଆକ୍ରମଣ ପ୍ରତିବାଦରେ କୁଶପୁତ୍ତଳିକା ଦାହ

ଆଗରପଡ଼ା,୨।୫(ସୁଶାନ୍ତ ଦାସ)

ଜମ୍ମୁ କଶ୍ମୀରର ପହଲଗାମ୍‌ରେ ପର୍ଯ୍ୟଟକଙ୍କୁ ବର୍ବୋରଚିତ ହତ୍ୟା ପ୍ରତିବାଦରେ ଆଗରପଡ଼ା ପାରମ୍ପରିକ ଶ୍ରୀରାମ ନବମୀ ମହାଯଜ୍ଞ ସମିତି ପକ୍ଷରୁ ଗୁରୁବାର ସନ୍ଧ୍ୟା ୬ଟାରେ ପାକିସ୍ତାନର ପ୍ରଧାନମନ୍ତ୍ରୀ ଓ ସେନା ମୁଖ୍ୟଙ୍କ କୁଶ ପୁତ୍ତଳିକା ଦାହ କରାଯାଇଛି। ଆଗରପଡ଼ା କଲେଜ ଛକ ନିକଟରେ ଉଭୟଙ୍କ କୁଶପୁତ୍ତଳିକା ଦାହ କରିବା ସହ ମୃତକଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ସମୂହ ଦୀପ ପ୍ରଜ୍ୱଳନ କରିଥିଲେ। ସ୍ଥାନୀୟ ବ୍ୟବସାୟୀ, ବଜରଙ୍ଗ ଦଳ, ବିଶ୍ୱ ହିନ୍ଦୁ ପରିଷଦ, ହିନ୍ଦୁ ଜାଗରଣ ମଞ୍ଚ ସହ ବିଭିନ୍ନ ସାମାଜିକ ସଙ୍ଗଠନର କର୍ମକର୍ତ୍ତା ସହଯୋଗ କରିଥିଲେ। ଶ୍ରୀରାମ ମହାଯଜ୍ଞ ସମିତି ସଭାପତି ତୃପ୍ତିରଞ୍ଜନ ଦାଶ, ସମ୍ପାଦକ ବାବୁରାମ ବେହେରା, ସର୍ବଜିତ ପଣ୍ଡା, ମାନସ ବେହେରା, ରାଜୁ ସିଂହ, ସୁଧୀରଞ୍ଜନ ରାଉତ, ବାବୁଲି ପତି, ସୁବାସ ରାଉଳ, ରଘୁନାଥ ଦାସ, ସଞ୍ଜୟ ଦାସ, ସୁଶୀଲ ପୃଷ୍ଟି, ସଞ୍ଜୟ ସିଂହ, ମନୋଜ ପଣ୍ଡା, ବଳରାମ ସିଂହ, ହାପି ରାୟ, ମହେଶ୍ୱର ଦାସ, ବଳରାମ ମାଝୀ, ଶକ୍ତି ମିଶ୍ର, ରଶ୍ମିରଞ୍ଜନ ସାମଲ ପ୍ରମୁଖ ଏଥିରେ ସାମିଲ ଥିଲେ।


ନୂତନ ସର୍କିଟ ହାଉସ୍‌ଠାରେ ଶୁକ୍ରବାର ଆୟୋଜିତ ଧରିତ୍ରୀର ଭଦ୍ରକ ଜିଲା ଖବରଦାତାଙ୍କ ବୈଠକରେ ଉପସ୍ଥିତ ସମ୍ପାଦକ ତଥାଗତ ସତପଥୀ ଓ ଅନ୍ୟମାନେ।

## ନିତ୍ୟାନନ୍ଦ ସ୍ମାରକୀ ପାଠାଗାରର ଗୃହ ପ୍ରବେଶ

ଧାମନଗର,୨।୫(ଦେବେନ୍ଦ୍ର ଆଦିଆ)

ଭଦ୍ରକ ଜିଲା ଧାମନଗର ହାଇସ୍କୁଲ ପରିସରରେ ପ୍ରତିଷ୍ଠିତ ଶିକ୍ଷାବିତ୍ ସ୍ୱର୍ଗତ ନିତ୍ୟାନନ୍ଦ ବିଶାଳ ସ୍ମାରକୀ ପାଠାଗାରର ପାଠକାର୍ପଣ ଓ ଗୃହ ପ୍ରବେଶ ଉତ୍ସବ ଅକ୍ଷୟ ତୃତୀୟା ଦିନ ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଧାମନଗର ଥାନା ଅଧିକାରୀ ଗୋପାଳ କୃଷ୍ଣ ଜେନା, ଅନ୍ୟତମ ଅତିଥିଭାବେ ଚାଟାର୍ଡ ଆକାଉଣ୍ଟାଣ୍ଟ ସଞ୍ଜୟ କୁମାର ମିଶ୍ର, ବହି ମଣିଷ ଅରୁଣ ଖିଲାର, ମହେଶ୍ୱର ସ୍ୱାଇଁ, ଅଧ୍ୟାପିକା ଡ. ହରପ୍ରିୟା ସେଠୀ, ଆଇନଜୀବୀ ଅମରେନ୍ଦ୍ର ମହାନ୍ତି, ରଣଜିତ୍ ମହାନ୍ତି, ସନ୍ତୋଷ ତ୍ରିପାଠୀ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମନୋରମା ମହାନ୍ତି, ସୁମତି ନାୟକ, କିଶୋରୀମଣି ସେନାପତି, ବୈକୁଣ୍ଠ ନାଥ ସାହୁ, ରଜତ ପଣ୍ଡା, ପ୍ରଦୀପ ମହାପାତ୍ର, କୃଷ୍ଣ ଚନ୍ଦ୍ର ଜେନା, ଅଭିମନ୍ୟୁ ମଲିକ, ହୃଦାନନ୍ଦ କର, ମନୋଜ ସିଂ, ଦିଲୀପ ସେଠୀ ପ୍ରମୁଖ ଯୋଗଦେଇ ପାଠାଗାରର ଉପାଦେୟତା ସମ୍ପର୍କରେ ଆଲୋକପାତ କରିଥିଲେ। ପାଠାଗାର ଛାତ୍ରୀଛାତ୍ର ଓ ଜନସାଧାରଣଙ୍କ ପାଇଁ ପାଠକୀୟ ସୁବିଧା ଯୋଗାଇ ଦିଆଯିବ ବୋଲ ସୂଚନା ମିଳିଥିଲା। ପାଠାଗାରର ପରିଚାଳକ ରସାନନ୍ଦ ମହାପାତ୍ର ଅତିଥିମାନଙ୍କୁ ସ୍ୱାଗତ କରିଥିଲେ।

## ଟ୍ରାକ୍ଟର ଧକ୍କାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ

### ରାସ୍ତା ଅବରୋଧ କଲେ ଉତ୍ତ୍ୟକ୍ତ ଲୋକେ

ଭଦ୍ରକ,୨।୫(ସନାତନ ରାଉତ)

ଭଦ୍ରକ ଜିଲା ସାବରଙ୍ଗ ଥାନା ଅଧୀନ ବଣିଆ ହାଇସ୍କୁଲ ନିକଟରେ ଶୁକ୍ରବାର ଏକ ଟ୍ରାକ୍ଟର ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଉଛନ୍ତି ଏହି ଥାନା ଅଧୀନ ଚକପୁର ଗ୍ରାମର ସୁଶାନ୍ତ କୁମାର ଜେନା। ସୂଚନା ଅନୁଯାୟୀ, ମଧ୍ୟାହ୍ନରେ ସୁଶାନ୍ତ ତାଙ୍କ ସ୍ତ୍ରୀଙ୍କୁ ଆଣିବା ପାଇଁ ବଣିଆସ୍ଥିତ ତାଙ୍କ ଶ୍ୱଶୁର ଘରକୁ ଯାଉଥିବା ବେଳେ ପଛରୁ ଏକ ଟ୍ରାକ୍ଟର ଧକ୍କା ଦେଇଥିଲା। ଏହି ଦୁର୍ଘଟଣା ପରେ ସେଠାରେ ଉତ୍ତେଜନା ଦେଖାଦେଇଥିଲା। ସ୍ଥାନୀୟ ଉତ୍ତ୍ୟକ୍ତ ଲୋକେ ଚରମ୍ପା-ସାବରଙ୍ଗ ରାସ୍ତାକୁ ଅବରୋଧ କରିଥିଲେ। ଖବର ପାଇ ସାବରଙ୍ଗ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରାକ୍ଟରକୁ ଜବତ କରିବା ସହ ଚାଳକଙ୍କୁ ଥାନାକୁ ନେବା ପରେ ରାସ୍ତାରୋକୋ ହଟିଥିଲା। ଏନେଇ ଥାନାରେ ଏକ ମାମଲା (ନଂ.୧୦୨/୨୫) ରୁଜୁ ହୋଇଛି।

## ନାଗ ଧରି ନାଗିନ୍ ଡ୍ୟାନ୍ସ

### ବନ୍ୟପ୍ରାଣୀ ଆଇନ ଉଲ୍ଲଂଘନ


ବରଯାତ୍ରୀ ଶୋଭାଯାତ୍ରାରେ ନାଗସାପ ଧରି ନାଚୁଛନ୍ତି।

ଚାନ୍ଦବାଲି,୨।୫(କିଷାନ ପାତ୍ର)

ବିବାହ ଶୋଭାଯାତ୍ରାରେ ସତସତିକା ନାଗସାପ ଧରି ନାଗିନ୍ ଡ୍ୟାନ୍ସ କଲେ ବରଯାତ୍ରୀ। ଜଣେ ଯୁବକ ସାପକୁ ଖେଳାଉଥିବା ବେଳେ ଆଉ ଦୁଇ କିନ୍ନର ନାଗକୁ ଧରି ନାଚୁଥିବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଖୋଲାଖୋଲି ଭାବେ ବନ୍ୟପ୍ରାଣୀ ଆଇନକୁ ଉଲ୍ଲଂଘନ କରାଯାଇଥିବା ବେଳେ ବୁଧବାର ରାତିରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅଧୀନ ବାଂଶଡ଼ା ପଞ୍ଚାୟତର ଛେଡ଼ାକ ଗାଁରେ। ବରଯାତ୍ରୀ ଶୋଭାଯାତ୍ରାରେ ନାଗସାପ ଖେଳ ଖବର ପାଇ ଧାମରା ବନ୍ୟପ୍ରାଣୀ ବନଖଣ୍ଡ କର୍ମଚାରୀ ବରଯାତ୍ରୀଙ୍କ ପିଛା କରିଥିଲେ। ବରଯାତ୍ରୀମାନେ ଛେଡ଼ାକ ଗାଁରୁ ବାହାରି ଆସିଥିଲେ। ବନ୍ୟପ୍ରାଣୀ ବନଖଣ୍ଡ କର୍ମଚାରୀ ସେମାନଙ୍କୁ ପିଛା କରି ଚାନ୍ଦବାଲି ଉଗ୍ରତରା ଛକରେ ୩ଟି ପେଡ଼ିରେ ଥିବା ୩ ନାଗକୁ ଉଦ୍ଧାର କରିଥିଲେ। ତେବେ କାହାରିକୁ ଗିରଫ କରାଯାଇ ନାହିଁ। ଘଟଣାର ଅଧିକ ତଦନ୍ତ ଚାଲିଛି ଓ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଭଦ୍ରକ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ସୌଭାଗ୍ୟ କୁମାର ସାହୁ କହିଛନ୍ତି।

## 'ଡିଜିଟାଲ ଯୁଗରେ ମଧ୍ୟ ମାନବସମ୍ବଳ ଆବଶ୍ୟକ'

### ଜିଲାସ୍ତରୀୟ ଆନ୍ତର୍ଜାତିକ ଶ୍ରମିକ ଦିବସ

ଭଦ୍ରକ,୨।୫(ସନାତନ ରାଉତ)

ଡିଜିଟାଲ ଯୁଗରେ ମେଶିନ ଦ୍ୱାରା ସବୁ କାମ କରାଯାଉଥିଲେ ମଧ୍ୟ ମେଶିନ ଚଳାଇବା ପାଇଁ ମାନବସମ୍ବଳ ଆବଶ୍ୟକ ବୋଲି ଭଦ୍ରକ ଜିଲାସ୍ତରୀୟ ଆନ୍ତର୍ଜାତିକ ଶ୍ରମିକ ଦିବସ ପାଳନ ଅବସରରେ ଜିଲାପାଳ ଦିଲୀପ ରାଉତରାଏ କହିଥିଲେ। ଭଦ୍ରକ ଟାଉନ ହଲରେ ଗୁରୁବାର ସକାଳ ୯ଟାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ଯୋଗଦେଇ ରାଜ୍ୟ ଓ ଦେଶର ଉନ୍ନତି ପାଇଁ ଶ୍ରମିକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତ ରଖିବା ସହ ସେମାନଙ୍କୁ ଉପଯୁକ୍ତ ସମ୍ମାନ ଦିଆଯିବା ଆବଶ୍ୟକ ବୋଲି କହିଥିଲେ। ଅନ୍ୟତମ ଅତିଥିଭାବେ ବାସୁଦେବପୁର ବିଧାୟକ ଅଶୋକ ଦାସ, ଜିଲା ପରିଷଦ ସଭାପତି ପ୍ରଫୁଲ୍ଲ ଜେନା, ଡେପୁଟି ଶ୍ରମ କମିଶନର ସଚ୍ଚିଦାନନ୍ଦ ଜେନା, ଜିଲା ଶ୍ରମ ଅଧିକାରୀ ସ୍ମୃତିରଞ୍ଜନ ସାହୁ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ମୃତ ଶ୍ରମିକଙ୍କ ବିଧବା ପତ୍ନୀ, ମେଧାବୀ ଛାତ୍ର ଓ ଶ୍ରମିକଙ୍କୁ ଶ୍ରମ ବିଭାଗ ପକ୍ଷରୁ ସହାୟତା ରାଶି ପ୍ରଦାନ କରାଯାଇଥିଲା।


ଜଣେ ଶ୍ରମିକଙ୍କ ବିଧବା ସ୍ତ୍ରୀଙ୍କୁ ଚେକ୍ ପ୍ରଦାନ କରାଯାଉଛି।

## ଅଟୋରୁ ଗଞ୍ଜେଇ ଜବତ, ଜଣେ ଗିରଫ

ଭଦ୍ରକ,୨।୫(ସନାତନ ରାଉତ)

ଭଦ୍ରକ ସହର ବାଇପାସ୍‌ରୁ ଟାଉନ ପୋଲିସ ଶୁକ୍ରବାର ପୂର୍ବାହ୍ନରେ ଏକ ଅଟୋରୁ ୨୬ କି.ଗ୍ରା. ଗଞ୍ଜେଇ ଜବତ କରିବା ସହ ଜଣଙ୍କୁ ଗିରଫ କରିଛି। ସେ ହେଲେ ପୁରୁଣାବଜାର ଥାନା ଅଧୀନ ବାଲିଓରଡ଼ା କାଜିସାହିର ଗୁଲାମ ସବୀର ଖାନ୍(୩୮)। ଏନେଇ ସବ୍‌ଇନ୍ସପେକ୍ଟର ଅଧିକାରୀ ପତିତପାବନ ମହାପାତ୍ରଙ୍କ ଅଭିଯୋଗକ୍ରମେ ଥାନାରେ ଏକ ମାମଲା (ନଂ.୨୫୫/୨୫) ରୁଜୁ ହୋଇଛି। ସୂଚନା ଅନୁଯାୟୀ, ସବୀର ଏକ ଅଟୋରେ ଗଞ୍ଜେଇ ନେଇ ଯାଉଥିବା ବେଳେ ବିଶେଷ ସୂତ୍ରରୁ ଖବର ପାଇ ପୋଲିସ ବାଇପାସ୍ ଛକରେ ଅଟକାଇ ତଲାସୀ ନେଇଥିଲା। ପୋଲିସ ଏକ ପ୍ଲାଷ୍ଟିକ ବସ୍ତାରେ ଥିବା ଗଞ୍ଜେଇ ଜବତ କରିଥିଲା। ପରେ ପୋଲିସ ଜବତ ଗଞ୍ଜେଇ ସହ ସବୀରଙ୍କୁ ଥାନାକୁ ନେଇଥିଲା।

## ମା' କଲରେଇଙ୍କ ମନ୍ଦିର ପ୍ରତିଷ୍ଠା




ଭଣ୍ଡାରିପୋଖରୀ, ୨।୫ (ରାଜେନ୍ଦ୍ର ଶତପଥୀ)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ କୁଶଗଡ଼ିଆଠାରେ ଗୁରୁବାର ମା' କଲରେଇଙ୍କ ମନ୍ଦିର ପ୍ରତିଷ୍ଠା କରାଯାଇଛି। ଦୁଇଦିନ ଧରି ଚାଲିଥିବା କାର୍ଯ୍ୟକ୍ରମ ଶେଷରେ ପୂର୍ଣ୍ଣାହୁତି ଦିଆଯାଇଥିଲା। ଗ୍ରାମର ବ୍ରଜକିଶୋର ନାୟକ ଓ ସ୍ତ୍ରୀ ସୁଜାତା ନାୟକ କର୍ତ୍ତାକର୍ତ୍ତ୍ରୀ ଭାବେ ଦାୟିତ୍ୱ ସମ୍ପାଦନ କରିଥିଲେ। ଶତାଧିକ ବର୍ଷ ଧରି ଗ୍ରାମର ମଧ୍ୟବର୍ତ୍ତୀ ସ୍ଥାନରେ ଗଛ ମୂଳେ ଏକ ଆସ୍ଥାନରେ ପୂଜା ପାଇଆସୁଥିବା ମା' କଲରେଇଙ୍କ ମନ୍ଦିର ପ୍ରତିଷ୍ଠାରେ ଚଣ୍ଡୀପାଠ ସହ ଅନ୍ୟାନ୍ୟ ପୂଜାବିଧି ପାଳନ କରାଯାଇଥିଲା। ମା'ଙ୍କୁ ମନ୍ଦିରରେ ସ୍ଥାପନ କରାଯିବାବେଳେ ଗ୍ରାମବାସୀ ଓ ଆଖପାଖ ଅଞ୍ଚଳର ଶତାଧିକ ଲୋକ ଉପସ୍ଥିତ ଥିଲେ। ଏହି ଅବସରରେ ଏକ ଭଜନ ସମାରୋହ ଆୟୋଜିତ ହୋଇଥିବା ବେଳେ ସମସ୍ତେ ପ୍ରସାଦ ସେବନ କରିଥିଲେ।

## ସିଡିପିଓଙ୍କୁ ଘେରିଲେ ମହିଳା

### ଅଙ୍ଗନୱାଡି ସହାୟିକା ନିଯୁକ୍ତିରେ ଅନିୟମିତତା

ବାସୁଦେବପୁର,୨।୫(କାଳିପଦ ରାୟ/ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ବ୍ଲକ ଅଧୀନ ନୂଆଗାଁ ପଞ୍ଚାୟତର ନଖରାଜୀ ମାଝିସାହି ଅଙ୍ଗନୱାଡି ସହାୟିକା ନିଯୁକ୍ତିରେ ଅନିୟମିତତା ଅଭିଯୋଗରେ ଆବେଦନକାରୀ ମହିଳମାନେ ସିଡିପିଓଙ୍କୁ ଘେରିଛନ୍ତି। ସୂଚନା ଅନୁଯାୟୀ, ଅଙ୍ଗନୱାଡି ସହାୟିକା ପଦବୀ ପାଇଁ ୩ଜଣ ଆବେଦନ କରିଥିଲେ। ଗତ ୯ ବୁଧବାର ଚୟନ ପାଇଁ ହାତଟେକା ଭୋଟ କରାଯାଇଥିଲା। କମ୍ ଭୋଟ୍ ପାଇଥିବା ଆବେଦନକାରୀଙ୍କୁ ନିଯୁକ୍ତି ମିଳିଥିବାରୁ ଏହାକୁ ବିରୋଧ କରି ଅନ୍ୟ ଦୁଇ ଆବେଦନକାରୀଙ୍କ ସମେତ ମହିଳାମାନେ ଗୁରୁବାର ଅପରାହ୍ନରେ ସିଡିପିଓଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଥିଲେ। ବିଡିଓ ତନ୍ମିତା କର ଧାରଣାରେ ବସିଥିବା ଆବେଦନକାରୀଙ୍କୁ ଏ ବାବଦରେ ତଦନ୍ତ କରି ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ତଥାପି ଆବେଦନକାରୀ ଏବଂ ସମର୍ଥକ ସିଡିପିଓଙ୍କ ଗାଡ଼ିରେ ବସି ରହି ପ୍ରତିବାଦ କରିଥିଲେ। ଖବରପାଇ ବାସୁଦେବପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିବା ପରେ ସେମାନେ ଧାରଣାରୁ ଉଠିଥିଲେ।


ସିଡିପିଓଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଛନ୍ତି ଆବେଦନକାରୀ।

## 'ବାସୁଦେବପୁର ସାହିତ୍ୟ ଓ ସଂଗ୍ରାମର ମାଟି'

ବାସୁଦେବପୁର,୨।୫(କାଳିପଦ ରାୟ/ ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ପୌରାଞ୍ଚଳ ଅଧୀନ ବାଲିନଗରସ୍ଥିତ ଯାଦବ ପଡ଼ିଆଠାରେ ବାସୁଦେବପୁର ସୌରଭ ସମ୍ମାନ ମହୋତ୍ସବର ୬ଷ୍ଠ ସନ୍ଧ୍ୟା ବୁଧବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଯୋଗଦେଇ ବାସୁଦେବପୁରର ଅତୀତ, ଇତିହାସ ଗୌରବମୟ ଓ ଦୀପ୍ତିମନ୍ତ ଅଟେ। ଏହି ମାଟି ସାହିତ୍ୟ, ସଂସ୍କୃତି, ସଂଗ୍ରାମର ମାଟି ବୋଲି କହିଥିଲେ। ମୁଖ୍ୟ ବକ୍ତାଭାବେ ଏବିଭିପିର ପୂର୍ବତନ ରାଜ୍ୟ ସଭାପତି ରମେଶ ବେହେରା, ଅନ୍ୟତମ ବକ୍ତା ଗୀତିକାର ପୀତାମ୍ବର ମିଶ୍ର, ଅନ୍ୟତମ ଅତିଥିଭାବେ ତହସିଲଦାର ପ୍ରିୟବ୍ରତ ଦାସ, ବ୍ଲକ୍ ଅଧ୍ୟକ୍ଷ ନଗେନ୍ଦ୍ର ବିଶ୍ୱାଳ, ବ୍ଲକ୍ ବିଜେଡି ସଭାପତି ଦୀନବନ୍ଧୁ ଦାସ, ନବ ନିର୍ମାଣ ସେନାର ସଭାପତି ଜୟପ୍ରକାଶ ମଲ୍ଲିକ, ସମ୍ପାଦକ କୃଷ୍ଣଚନ୍ଦ୍ର ମହାକୁଡ଼ ପ୍ରମୁଖ ମଞ୍ଚାସିନ ଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସାମାଜିକକର୍ମୀ ଇଂ. ସମ୍ବିତ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ କୃଷ୍ଣଚନ୍ଦ୍ର ମହାକୁଡ଼ ଧନ୍ୟବାଦ ଅର୍ପଣ କରିଥିଲେ।


ବାସୁଦେବପୁର ସୌରଭ ସମ୍ମାନ ମହୋତ୍ସବର ୬ଷ୍ଠ ସନ୍ଧ୍ୟାରେ ଅତିଥିଙ୍କ ସହ କୃତୀ ପ୍ରତିଯୋଗୀ।

## ସଂକ୍ଷେପରେ

### ମାଟ୍ରିକ୍‌ରେ ବ୍ଲକ୍‌ର ଅନନ୍ୟା, ସାଇସ୍ମିତା ଏ-୧ରେ ପାସ୍



ସାଇସ୍ମିତା ମିଶ୍ର, ଅନନ୍ୟା ଅପରାଜିତା ଦାଶ

ପାଟଣା,୨।୫(ବୀର କିଶୋର ଦାଶ)

ମାଧମିକ ଶିକ୍ଷା ପରିଷଦ କଟକ, ଓଡ଼ିଶା ଦ୍ୱାରା ପରିଚାଳିତ ମାଟ୍ରିକ୍ ପରୀକ୍ଷା ଫଳ ଶୁକ୍ରବାର ପ୍ରକାଶ ପାଇଛି। ଏଥିରେ କେନ୍ଦୁଝର ଜିଲା ପାଟଣା ବ୍ଲକ୍‌ର ୨ ଛାତ୍ରୀ ଏ-୧ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ତୁରୁମୁଙ୍ଗା ଶିଶୁ ମନ୍ଦିର ଛାତ୍ରୀ ସାଇସ୍ମିତା ମିଶ୍ର ସର୍ବାଧିକ ୫୫୮(୯୩) ପ୍ରତିଶତ ନମ୍ବର ରଖି ପାଟଣା ବ୍ଲକ୍‌ରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ମିରିଗିଖୋଜି ପଞ୍ଚାୟତ ଭାଲିଆଡ଼ାଳ ହାଇସ୍କୁଲର ଛାତ୍ରୀ ଅନନ୍ୟା ଅପରାଜିତା ଦାଶ ୫୪୯(୯୧.୫) ପ୍ରତିଶତ ନମ୍ବର ରଖି ଦ୍ୱିତୀୟ ସ୍ଥାନରେ ଅଛନ୍ତି। ଅନନ୍ୟାଙ୍କ ସଫଳତା ପାଇଁ ଭାଲିଆ ଡ଼ାଳ ହାଇସ୍କୁଲର ପ୍ରଧାନ ଶିକ୍ଷକ ଦେବେନ୍ଦ୍ରନାଥ ମହାନ୍ତ, ପାଟଣା ସରସ୍ୱତୀ ଶିଶୁମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଗଣେଶ୍ୱର କର, ଆଚାର୍ଯ୍ୟା ଓ ଆଚାର୍ଯ୍ୟମାନେ ଶୁଭେଚ୍ଛା ଜଣାଇଛନ୍ତି।

### କେମିକାଲ ବୋଝେଇ ଟ୍ୟାଙ୍କର-ଟ୍ରକ୍ ମୁହାଁମୁହିଁ ଧକ୍କା, ୩ ଗୁରୁତର

କେନ୍ଦୁଝର/ପାଟଣା,୨।୫(ନରେଶ ଚନ୍ଦ୍ର ପଟ୍ଟନାୟକ/ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ତୁରୁମୁଙ୍ଗା ଥାନା ଅନ୍ତର୍ଗତ ୪୯ ନମ୍ବର ମୁମ୍ବାଇ କୋଲକାତା ଜାତୀୟ ରାଜପଥର ଡାବରଚୁଆ ନିକଟରେ ଶୁକ୍ରବାର ପୂର୍ବାହ୍ନ ୧୦ଟାରେ ଏକ ଦୁର୍ଘଟଣା ଘଟିଛି। ଏକ କେମିକାଲ ବୋଝେଇ ଟ୍ୟାଙ୍କର ସହ ଟ୍ରକ୍ ମୁହାଁମୁହିଁ ଧକ୍କା ଫଳରେ ୨ ଗାଡିର ଡ୍ରାଇଭରଙ୍କ ସମେତ ୩ ଗୁରୁତର ହୋଇଛନ୍ତି। ଗୁରୁତର ହେଲେ ଟ୍ୟାଙ୍କର ଡ୍ରାଇଭର ପଶ୍ଚିମବଙ୍ଗ ଅଞ୍ଚଳର ଶିବୁ ଦାସ ଏବଂ ଟ୍ରକ୍‌ଡ୍ରାଇଭର କେନ୍ଦୁଝରର ବଳରାମ ମୁଣ୍ଡା। ଅନ୍ୟଜଣେ ଗୁରୁତରଙ୍କ ପରିଚୟ ମିଳିପାରିନାହିଁ। ଏନ୍‌ଏଚ୍‌ଆଇ ଆମ୍ବୁଲାନ୍ସ ଯୋଗେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। କେମିକାଲ ବୋଝେଇ ଟ୍ୟାଙ୍କରଟି କେନ୍ଦୁଝର ପଟରୁ ରଙ୍ଗ ରୁଟ୍‌ରେ ଆସି ଟ୍ରକ୍‌କୁ ଧକ୍କା ଦେଇ ରାସ୍ତାକଡ଼କୁ ଓଲଟି ପଡ଼ିଛି।

### ସଡ଼କ ଦୁର୍ଘଟଣାରେ ବାଇକ ଆରୋହୀ ମୃତ

ପାଟଣା,୨।୫(ବୀରକିଶୋର ଦାଶ): କେନ୍ଦୁଝର ଜିଲା ତୁରୁମୁଙ୍ଗା ଥାନା ଅନ୍ତର୍ଗତ ୪୯ ନମ୍ବର ଜାତୀୟ ରାଜପଥ ସରାସପଶି ଛକନିକଟରେ ଶୁକ୍ରବାର ଅପରାହ୍ନ ୪ଟା ୫୫ରେ ସଡ଼କ ଦୁର୍ଘଟଣା ଘଟିଛି। ବାଇକ୍ ଆରୋହୀ ତୁରୁମୁଙ୍ଗା ଥାନା ସିଲିଦା ଗ୍ରାମର ପଦ୍ମଲୋଚନ ବେହେରା (୨୭)ଙ୍କ ମୃତ୍ୟୁ ଘଟିଛି। ସେ ବାଇକ ଯୋଗେ କେନ୍ଦୁଝରକୁ ଯାଉଥିବା ସମୟରେ ସରାସପଶି ଛକରେ ଟ୍ରକ ହଠାତ ରାଜପଥକୁ ଚାଲି ଆସିବାରୁ ଧକ୍କା ଦେଇଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ୨ ଗାଡ଼ି ଜବତ କରି ତଦନ୍ତ କରୁଛି।

### ବିଶ୍ୱ ଶ୍ରମିକ ଦିବସରେ ସଚେତନତା

ବଡବିଲ,୨।୫(ଦେବପ୍ରିୟ ରଣା)

କେନ୍ଦୁଝର ଜିଲା ବଡ଼ବିଲସ୍ଥିତ ଏଆଇଟିୟୁସି କାର୍ଯ୍ୟାଳୟ ପରିସରରେ ଗୁରୁବାର ପୂର୍ବାହ୍ନ ୧୧ଟାରେ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ରାଜ୍ୟ କାର୍ଯ୍ୟକାରୀ ସଭାପତି ମହେଶ୍ୱର ରାଉତ ଲାଲ ପତାତା ଉତ୍ତୋଳନ କରି ଉପସ୍ଥିତ ଶ୍ରମିକଙ୍କୁ ଉଦ୍‌ବୋଧନଥିଲେ। ଏଆଇଟିୟୁସିର ଜିଲା ସମ୍ପାଦକ କପିଳ ମହାନ୍ତି ଶ୍ରମ କୋର୍ଡ ବିରୋଧରେ ମଇ ୨୦ରେ ଦେଶରେ ସମସ୍ତ ଟ୍ରେଡ୍ ୟୁନିୟନଙ୍କ ଡାକରାରେ ସାଧାରଣ ଧର୍ମଘଟ ହେବାକୁ ଯାଉଛି ବୋଲି କହିଥିଲେ। ସେହିପରି ବଡବିଲସ୍ଥିତ ଜେଏମ୍‌ଏଫସି କୋର୍ଟ ପରିସରରେ ତାଲୁକ ଆଇନ ସେବା ସମିତି ପକ୍ଷରୁ ସଚେତନତା ସଭାର ଆୟୋଜନ ହୋଇଥିଲା। ଜେଏମଏଫସି ପ୍ରଥମ ମଲ୍ଲିକା ଗୋଏଙ୍କା ଯୋଗଦେଇଥିଲେ। ଅକ୍ଷୟ ଧିର ମଞ୍ଚ ପରିଚାଳନା କରିଥିବା ବେଳେ ବଡ଼ବିଲ ବାର ଆସୋସିଏଶନ ସଭାପତି ସୂର୍ଯ୍ୟକାନ୍ତ ତ୍ରିପାଠୀ, ଉପସଭାପତି ବଳରାମ ମହାନ୍ତି ଓ ଆଇନଜୀବୀ ବିଭୂତି ଭୂଷଣ ଷଡ଼ଙ୍ଗୀ ବିଭିନ୍ନ ଶ୍ରମ ଆଇନ ବିଷୟରେ ବିବରଣୀ ପ୍ରଦାନ କରିଥିଲେ।

# '୧୫୮ ଜଣଙ୍କୁ ୧ କୋଟିରୁ ଊର୍ଦ୍ଧ୍ୱ ସହାୟତା ପ୍ରଦାନ'

## ଜିଲାସ୍ତରୀୟ ଶ୍ରମିକ ଦିବସ

କେନ୍ଦୁଝର,୨।୫(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ସଂସ୍କୃତି ଭବନରେ ଶୁକ୍ରବାର ପୂର୍ବାହ୍ନରେ ୧୧ଟାରେ ଜିଲାସ୍ତରୀୟ ଅନ୍ତର୍ଜାତୀୟ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ପ୍ରଶାସନ ଓ ଜିଲା ଶ୍ରମ ବିଭାଗର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୧୫୮ ଜଣ ହିତାଧିକାରୀଙ୍କୁ ୧ କୋଟି ୨୪ ଲକ୍ଷ ୪୫ ହଜାର ଆର୍ଥିକ ସହାୟତା ରାଶି ବଣ୍ଟନ କରାଯାଇଥିଲା।

ମୁଖ୍ୟ ଅତିଥିରୂପେ କେନ୍ଦୁଝର ଏମ୍‌ପି ଅନନ୍ତ ନାୟକ ଯୋଗଦେଇ ଶ୍ରମିକମାନେ ଜିଲା ଶ୍ରମ କାର୍ଯ୍ୟାଳୟ ଜରିଆରେ ନାମ ପଞ୍ଜୀକରଣ କରିବା ଓ ବିଭିନ୍ନ ଯୋଜନାର ସୁବିଧା, ଆର୍ଥିକ ସହାୟତା ଉଠାଇବା ପାଇଁ ପରାମର୍ଶ ଦେଇଥିଲେ। ଏଥିସହ ଶ୍ରମିକଙ୍କ ଶ୍ରମ ବଳରେ ହିଁ ସମସ୍ତ ଉନ୍ନତିମୂଳକ କାର୍ଯ୍ୟ ସମ୍ଭବ


ଏମ୍‌ପି ଅନନ୍ତ ନାୟକ ଓ ଅତିଥିମାନେ ଜଣେ ହିତାଧିକାରୀଙ୍କୁ ସହାୟତା ରାଶି ପ୍ରଦାନ କରୁଛନ୍ତି।

ହେଉଥିବା ଏବଂ ଶ୍ରମିକଙ୍କ ସକଳ ଉନ୍ନତି ଓ ସାମାଜିକ ନିରାପତ୍ତା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ତରଫରୁ ସମସ୍ତ ବ୍ୟବସ୍ଥା ସମ୍ବନ୍ଧରେ ବିସ୍ତୃତ ସୂଚନା ଦେଇଥିଲେ। ସମ୍ମାନନୀୟ ଅତିଥିରୂପେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ତେଲକୋଇ ବିଧାୟକ ଡା. ଫକୀର ମୋହନ ନାଏକ, ଜିଲାପାଳ ବିଶାଲ ସିଂହ, ବନଖଣ୍ଡ ଅଧିକାରୀ ଧନ୍‌ରାଜ ଏଚ୍‌ଡ଼ି, କେନ୍ଦୁଝରଗଡ଼ ପୌରପରିଷଦ ଅଧ୍ୟକ୍ଷା ନିକୁ ସାହୁ ଯୋଗଦେଇ ଶ୍ରମ ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରଭାଗୀୟ ଶ୍ରମ ଆୟୁକ୍ତ ସୂର୍ଯ୍ୟକାନ୍ତ ମାଳି ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରିବା ସହ ଆନ୍ତର୍ଜାତିକ ଶ୍ରମ ଦିବସ ପାଳନର ଉଦ୍ଦେଶ୍ୟ ଓ କେନ୍ଦୁଝର ଜିଲାରେ ଶ୍ରମିକଙ୍କ କଲ୍ୟାଣ ନିମନ୍ତେ ଜିଲା ଶ୍ରମ ବିଭାଗ ପକ୍ଷରୁ ଗ୍ରହଣ କରାଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଆନ୍ତର୍ଜାତିକ ଶ୍ରମିକ ଦିବସ ପାଳନ ଅବସରରେ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାରେ ବିବାହ ସହାୟତା ପାଇଁ ୫୭ ଜଣଙ୍କୁ ୨୮ ଲକ୍ଷ, ହିତାଧିକାରୀଙ୍କୁ ମୃତ୍ୟୁ ଜନିତ ସହାୟତା ପାଇଁ ୩୯ ଜଣଙ୍କୁ ୯୨ ଲକ୍ଷ, ଅନ୍ତ୍ୟେଷ୍ଟିକ୍ରିୟା ସହାୟତା ପାଇଁ ୩୭ ଜଣଙ୍କୁ ୧ ଲକ୍ଷ ୮୫ ହଜାର ଟଙ୍କା, ପ୍ରସୂତୀକାଳିନ ସହାୟତା ବାବଦରେ ୪ ଜଣଙ୍କୁ ୪୦ ହଜାର, ଶିକ୍ଷାବୃତ୍ତି ସହାୟତା ବାବଦରେ ୨୧ ଜଣଙ୍କୁ ୨ ଲକ୍ଷ ୨୦ ହଜାର ଟଙ୍କା ଏବଂ ୨୦୦ ଜଣ ହିତାଧିକାରୀଙ୍କୁ ନୂତନ ପରିଚୟପତ୍ର ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଜିଲା ଶ୍ରମ ଅଧିକାରୀ ଆକାଶ ବିଷୋୟୀ ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ଶ୍ରମିକ ସଂଗଠନର କର୍ମକର୍ତ୍ତା, ଶ୍ରମିକ, ଜିଲା ଶ୍ରମ ବିଭାଗର କର୍ମଚାରୀମାନେ ଉପସ୍ଥିତ ଥିଲେ।

# ୧୩ ଟିକିଆ ହାତୀପଲଙ୍କ ଉତ୍ପାତ

## ବ୍ୟାପକ ଧାନଫସଲ ନଷ୍ଟ


ହାତୀପଲ ନଷ୍ଟ କରିଥିବା ଧାନଫସଲ।

ଚମ୍ପୁଆ,୨।୫(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜ ଅନ୍ତର୍ଗତ ଚମ୍ପୁଆ ସେକ୍ସନରେ ୧୩ ଟିକିଆ ହାତୀପଲ ଉତ୍ପାତ କରୁଛନ୍ତି। କିଛି ଦିନ ହେବ ହାତୀପଲ ଅଞ୍ଚଳରେ ଚଳପ୍ରଚଳ କରୁଥିବା ବେଳେ ଗୁରୁବାର ରାତିରେ ଶାତହଳିଆ ଗ୍ରାମରେ ବ୍ୟାପକ ଧାନଫସଲ ନଷ୍ଟ କରିଛନ୍ତି। ରାତିରେ ଧାନକ୍ଷେତରେ ପଶି ଫସଲ ଖାଇବା ସହ ଦଳିଦେଇଛନ୍ତି।

ହାତୀପଲ ଦିନରେ ବୈତରଣୀ ନଦୀ ପାର ହୋଇ ପଳାଉଥିବା ବେଳେ ସଞ୍ଜ ନଇଁଲେ ଫେରି ଆସୁଛନ୍ତି। ରାତିରେ ଧାନକ୍ଷେତ ପଶି ଖାଇବା ସହ ନଷ୍ଟ କରୁଛନ୍ତି। ମୁକୁନ୍ଦପୁର, ଶାତହଳିଆ ଅଞ୍ଚଳରେ ହାତୀପଲ ପ୍ରବେଶ କରି ଫୁଲ ଧରୁଥିବା ଧାନ ଫସଲକୁ ନଷ୍ଟ କରିଚାଲିଛନ୍ତି। ଖରାଟିଆ ଚାଷ କରିଥିବା ଧାନ ଚାଷୀ ବୈତରଣୀ ନଦୀର ପାଣି ଶୁଖିଯିବାରୁ ଏକପ୍ରକାର ଚିନ୍ତାରେ ରହିଥିବା ବେଳେ ହାତୀପଲଙ୍କ ଦ୍ୱାରା ହେଉଥିବା ଧାନଚାଷ କ୍ଷତିକୁ ନେଇ ଚାଷୀ ଚିନ୍ତା ଦ୍ୱିଗୁଣିତ ହୋଇଯାଇଛି। ଦୀର୍ଘଦିନ ହେବ ହାତୀପଲ ଚମ୍ପୁଆ, ଉଖୁଣ୍ଡା ଓ ବାଲିବନ୍ଧ ସେକ୍ସନରେ ବୁଲି ବ୍ୟାପକ କ୍ଷୟକ୍ଷତି ଘଟାଉଛନ୍ତି। ବନ ବିଭାଗ ପକ୍ଷରୁ ହାତୀ ଘଉଡ଼ାଇବା ଓ ଚାଷୀଙ୍କ ଫସଲ ରକ୍ଷା କରିବା ଏକପ୍ରକାର ଅସମ୍ଭବ ହୋଇପଡ଼ିଛି। ଗାଁ ଲୋକଙ୍କ ସହଯୋଗରେ ହାତୀ ଘଉଡ଼ାଇବା କାର୍ଯ୍ୟ କରାଯାଉଛି। ମାତ୍ର ହାତୀପଲ ଦାଉରୁ ଧାନ ଫସଲ ରକ୍ଷା କରାଯାଇପାରୁନାହିଁ। ଏ ନେଇ ବନପାଳ ଜ୍ୟୋତିରୂପା ସତପଥିଙ୍କୁ କହିଛନ୍ତି, ହାତୀ ଆସିବାର ସୂଚନା ପାଇ ଆମେ ଘଟଣାସ୍ଥଳରେ ପହଞ୍ଚି ହାତୀ ଘଉଡ଼ାଇବା କାର୍ଯ୍ୟ କରୁଛୁ। ମାତ୍ର ହାତୀପଲ ନଦୀ ପାର ହୋଇ ବିଲେଇପଦା ଅଞ୍ଚଳକୁ ପଳାଇଯାଉଛନ୍ତି। ସଞ୍ଜ ନଇଁଲେ ପୁଣି ନଦୀ ପାର ହୋଇ ଧାନ ବିଲରେ ପଶୁଛନ୍ତି। ଧନ ଜୀବନ କ୍ଷତି ନ ଘଟିବା ପାଇଁ ଏହି ହାତୀପଲ ଉପରେ ନଜର ରଖାଯାଇଛି।

# ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସିରୁ ବକେୟା ପାଉଣା ଦାବି


ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଦାବିପତ୍ର ପ୍ରଦାନ ନିମନ୍ତେ ଆସିଥିବା ଗ୍ରାମବାସୀ।

କେନ୍ଦୁଝର,୨।୫ (ନରେଶ ଚନ୍ଦ୍ର ପଟ୍ଟନାୟକ)

ଗନ୍ଧମାର୍ଦ୍ଦନ ଲୋଡିଂ ଏବଂ କୋଅପରେଟିଭ ସୋସାଇଟି ଉପରେ ନିର୍ଭରଶୀଳ ଆଦିବାସୀଙ୍କୁ ଅଣଦେଖା ଓ ହତାଦର କରାଯାଉଥିବା ଗୁରୁବାର ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠରେ ଲିଖିତ ଅଭିଯୋଗ ହୋଇଛି। ଗନ୍ଧମାର୍ଦ୍ଦନ ଖଣି ପରିବେଷ୍ଟିତ କ୍ଷତିଗ୍ରସ୍ତ ଦଅଁଳା, ଶୁଆକାଠି, ଇଚିଣ୍ଡା, ନିତିଗୋଠ, କଇଁସାରୀ, ଉପରଜାଗର, ତଳଜାଗର, କୁମୁଣ୍ଡି ଅଞ୍ଚଳର ଲୋକେ ଖଣିରେ ବିଶେଷ କରି ଶ୍ରମିକଭାବରେ କାମ କରିଆସୁଥିଲେ। ମାନୁଆଲ ଲୋଡିଂ ବନ୍ଦ ପରେ ସେମାନେ ମିଶି ଲୋଡ଼ର ମେଶିନ କିଣି ଗ୍ରୁପ ହୋଇ ଲୋଡିଂ କାମ କରି ଚଳୁଥିଲେ। ତେବେ ସରକାର ପରିବର୍ତ୍ତନ ପରେ ଉକ୍ତ ଖଣିରେ ଲୋଡିଂ ଦାୟିତ୍ୱ ନେଇଥିବା ଉକ୍ତ ସଂସ୍ଥା ସେମାନଙ୍କ ଲୋଡର ବାବଦକୁ ୪ ମାସର ଟଙ୍କା ଦେଉ ନ ଥିବାରୁ ଆର୍ଥିକ ସଙ୍କଟରେ ରହିଥିବା କହିଛନ୍ତି। ପରିବାର ପ୍ରତିପୋଷଣରେ ସମସ୍ୟା ଭୋଗୁଛନ୍ତି। ନୂତନ କାର୍ଯ୍ୟକର୍ତ୍ତାମାନେ ଅନ୍ୟ ଅଣଆଦିବାସୀଙ୍କ ଲୋଡର ବାବଦକୁ ଅର୍ଥ ତୁରନ୍ତ ପୈଠ କରୁଥିବା ବେଳେ ସେମାନଙ୍କୁ ମିଳୁ ନ ଥିବା ଅଭିଯୋଗ କରିଛନ୍ତି। ଏପରିକି ବକେୟା ଅର୍ଥ ଦାବିକଲେ ଲୋଡର ବାହାର କରିଦେବାକୁ ଧମକ ଦେଉଥିବା ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ସେମାନଙ୍କ ୪ ମାସର ବକେୟା ପାଉଣା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେବାକୁ ସେମାନେ ଦାବି କରିଛନ୍ତି। ତଳକାଇଁସାରୀ ପଞ୍ଚାୟତ ସରପଞ୍ଚ ସଂକୁତଳା ଦେହୁରୀ, ପଞ୍ଚାୟତ ସମିତି ସଭ୍ୟା ବାସନ୍ତୀ ବେହେରାଙ୍କ ସମେତ କ୍ଷତିଗ୍ରସ୍ତ ଅଞ୍ଚଳବାସୀ ଦାବିପତ୍ର ପ୍ରଦାନ କରିଛନ୍ତି।

# ଆନ୍ଦୋଳନ ଜାରି, କାମ ଠପ୍

## ସହକାରୀ ଯନ୍ତ୍ରୀଙ୍କୁ ଦୁର୍ବ୍ୟବହାର ଘଟଣା

ଆନନ୍ଦପୁର,୨।୫(ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ୍ ମୋଚିନ୍ଦା ପଞ୍ଚାୟତର ଏକ ଠିକା କାମକୁ ନେଇ ବ୍ଲକ୍ ଏମ୍‌ପିଙ୍କ ପ୍ରତିନିଧି ବ୍ଲକ୍ ସହକାରୀ ଯନ୍ତ୍ରୀଙ୍କୁ ଗାଳିଗୁଲଜ ଘଟଣାର ସମସ୍ୟାର ସମାଧାର ହୋଇପାରୁନି। ବ୍ଲକ୍ କର୍ମଚାରୀମାନେ ମଙ୍ଗଳବାର ଦିନଠାରୁ କଲମଛାଡ଼ ଆନ୍ଦୋଳନ ଜାରି ରଖିଛନ୍ତି। ଫଳରେ ବିଭିନ୍ନ କାମରେ ଆସୁଥିବା ଲୋକେ ନିରାଶ ହୋଇ ଫେରୁଛନ୍ତି। ପ୍ରକାଶ ଯେ, ଦୁର୍ବ୍ୟବହାରକୁ ନେଇ ବ୍ଲକ୍ କର୍ମଚାରୀମାନେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ମଙ୍ଗଳବାରଠାରୁ କଲମଛାଡ଼ ଆନ୍ଦୋଳନ ଜାରି ରଖିଛନ୍ତି। ବ୍ଲକ୍ କର୍ମଚାରୀମାନେ ବ୍ଲକ୍ ଏମ୍‌ପିଙ୍କ ପ୍ରତିନିଧି ଟୁକୁନା ମହାନ୍ତଙ୍କ ଗିରଫ ଦାବି ଓ ଅନ୍ୟ ସହଯୋଗୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଦାବିରେ ଅଟଳ ରହିଛନ୍ତି। ଘଟଣାକୁ ନେଇ ବୁଧବାର ଆନନ୍ଦପୁର ଉପଜିଲାପାଳ ନୀଳମାଧବ ସୁନା, ଏସ୍‌ଡିପିଓ ପ୍ରଶାନ୍ତ କୁମାର ବେହେରା, ଆନନ୍ଦପୁର ଥାନା ଅଧିକାରୀ ଫନିନ୍ଦ୍ର କୁମାର ନାୟକ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। କୌଣସି ପ୍ରତିଶ୍ରୁତି ନ ମିଳିବାରୁ ଆନ୍ଦୋଳନ ଜାରି ରହିଛି। ଶୁକ୍ରବାର ଆନ୍ଦୋଳନ ୪ ଦିନରେ ପହଞ୍ଚିଥିଲେ ହେଁ ଆନ୍ଦୋଳନରତ କର୍ମଚାରୀମାନେ ଉପଜିଲାପାଳଙ୍କୁ ଆସିବା ବାଟକୁ ଚାହିଁ ବସିଥିଲେ। ଉପଜିଲାପାଳ ଘଟଣାସ୍ଥଳରେ ପହଞ୍ଚି ନ ଥିବା ବେଳେ ଆନ୍ଦୋଳନ ଜାରି ରହିଛି। ଅନ୍ୟପକ୍ଷେ ଆନ୍ଦୋଳନ ଯୋଗୁ ବ୍ଲକ୍ କାର୍ଯ୍ୟାଳୟକୁ ହିତାଧିକାରୀମାନେ ଅନେକ ସମସ୍ୟାକୁ ନେଇ ଆସି ନିରାଶ ହୋଇ ଫେରିବାକୁ ପଡୁଛି।

# ବାଦୀପାଲା ମହୋତ୍ସବରେ କଳାକାରଙ୍କୁ ସମ୍ବର୍ଦ୍ଧନା


ଅତିଥି ଓ ପାଲା କଳାକାରମାନେ।

ପାଟଣା,୨।୫(ବିର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ବଡ଼ପାଟଣା ପଞ୍ଚାୟତ ସ୍ୱାମ ଶାସନର ୭୦ତମ ବାଦିପାଲା ମୋହତ୍ସବରେ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ପାଲା କମିଟିର ସଭାପତି ଭାଗୀରଥି ଦାଶଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ମୁଖ୍ୟ ବକ୍ତାଭାବେ ବଡପାଟଣା ସରପଞ୍ଚ ବିନତି ବାନରା, ସମ୍ମାନିତ ଅତିଥିଭାବେ ପାଲାର ପୃଷ୍ଠ ପୋଷାକ ତଥା ଯୋଦ୍ଧା ଏବିଇଓ ଦିଲ୍ଲୀପ ବେହେରା ପ୍ରମୁଖ ଯୋଗଦେଇ ଗାୟକ ଗୋପାଳକୃଷ୍ଣ ଜେନା, ବିଜୟ ଓଝା, ବର୍ଷୀୟାନ କାର୍ଯ୍ୟକର୍ତ୍ତା ବଳଭଦ୍ର କର, ଜ୍ଞାନେନ୍ଦ୍ର କୁମାର ମିଶ୍ର, ବାୟକ ଓ ପାଳିଆଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ପାଲା କମିଟିର ବୀର ମୋହନ ଦ୍ୱିବେଦୀ, ସନ୍ତୋଷ ତ୍ରିପାଠୀ , ଚିରଞ୍ଜିବି ଦାଶ, ସଞ୍ଜିତ କର, ସୌମ୍ୟରଞ୍ଜନ ଦାଶ, ପ୍ରକାଶ ଦାଶ, ଅରୁଣ ଦାଶ, ସିଦ୍ଧାର୍ଥ ଦାଶ, ଭବତୋଶ ଶତପଥୀ ପ୍ରମୁଖ ପରିଚାଳନା କରିଥିଲେ।

# ମାଟ୍ରିକ୍ ପରୀକ୍ଷାରେ ୯୪.୩୦ ପ୍ରତିଶତ ପାସ୍

କେନ୍ଦୁଝର,୨।୫(ଦୀପକ ମିଶ୍ର/ନରେଶ ଚନ୍ଦ୍ର ପଟ୍ଟନାୟକ)

ମାଧମିକ ଶିକ୍ଷା ପରିଷଦ ଦ୍ୱାରା ଚଳିତବର୍ଷର ମାଟ୍ରିକ ପରୀକ୍ଷା ଫଳାଫଳ ଶୁକ୍ରବାର ଅପରାହ୍ନ ୪ଟାରେ ପ୍ରକାଶ ପାଇଛି। ଚଳିତ ବର୍ଷ କେନ୍ଦୁଝରରେ ସଫଳତା ହାର ୯୪.୩୦ ପ୍ରତିଶତ ରହିଛି। ଜିଲାର ୪୭୮ ଟି ବିଦ୍ୟାଳୟର ୨୩୯୬୨ ଛାତ୍ରୀଛାତ୍ର ପରୀକ୍ଷା ଦେବା ପାଇଁ ଫର୍ମପୂରଣ କରିଥିବାବେଳେ ୨୩୩୨୬ ଜଣ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୭ ଜଣ ଏମ୍‌ପି ହୋଇଥିବାବେଳେ ଏ-୧ ଗ୍ରେଡ୍‌ରେ ୬୦ ଜଣ, ଏ-୨ ଗ୍ରେଡ୍‌ରେ ୫୦୩ ଜଣ, ବି-୧ ଗ୍ରେଡ୍‌ରେ ୧୪୩୪, ବି-୨ ଗ୍ରେଡ୍‌ରେ ୩୦୩୧, ସି ଗ୍ରେଡ୍‌ରେ ୫୨୨୧, ଡି ଗ୍ରେଡ୍‌ରେ ୭୨୬୭, ଇ ଗ୍ରେଡ୍‌ରେ ୪୪୮୧ଙ୍କୁ ମିଶାଇ ମୋଟ ୨୧୯୯୭ କୃତକାର୍ଯ୍ୟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୧୧୪୫୩ ଜଣ ଛାତ୍ରୀ ଏବଂ ୧୦୫୪୪ ଜଣ ଛାତ୍ର ପାସ କରିଛନ୍ତି। ସେହିପରି ଏକ୍ସ ରେଗୁଲାର ପରୀକ୍ଷାର୍ଥୀ ଭାବେ ୫୦ ଟି ବିଦ୍ୟାଳୟରୁ ୫୯ ଜଣ ଫର୍ମ ଭରିଥିବା ବେଳେ ୫ ଜଣ ଅନୁପସ୍ଥିତ ଥିଲେ। ୫୪ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ମାତ୍ର ଜଣେ ଛାତ୍ରୀ କୃତକାର୍ଯ୍ୟ ହୋଇଥିବା ବେଳେ ୫୩ଜଣ ଅକୃତକାର୍ଯ୍ୟ ହୋଇଛନ୍ତି। ଜିଲାରେ ଏକ୍ସ ରେଗୁଲାର ପାସହାର ମାତ୍ର ୧.୬୯ ପ୍ରତିଶତ ରହିଛି। ପତ୍ର ବିନିମୟ ପାଠ୍ୟକ୍ରମ ପରୀକ୍ଷାରେ ଜିଲାରୁ ୩୦ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୯ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ବି-୨ ଗ୍ରେଡ୍‌ରେ ୩, ସି ଗ୍ରେଡ୍‌ରେ ୨ ଜଣ, ଡି ଗ୍ରେଡ୍‌ରେ ୪ ଜଣ ଛାତ୍ରୀଛାତ୍ର ସଫଳତା ପାଇଛନ୍ତି। ପତ୍ର ବିନିମୟ ପାଠ୍ୟକ୍ରମରେ ଚଳିତ ଥର ୧.୪୮ ପ୍ରତିଶତ ସଫଳତା ମିଳିଥିବା ଶିକ୍ଷା ବିଭାଗ ପକ୍ଷରୁ ସୂଚନା ମିଳିଛି।

# ବିଦ୍ୟାଳୟର ବାର୍ଷିକ ଉତ୍ସବ



ମଞ୍ଚରେ ଉପସ୍ଥିତ ଏମ୍‌ପି ଅନନ୍ତ ନାୟକ ଓ ଅନ୍ୟ ଅତିଥିମାନେ।

କେନ୍ଦୁଝର,୨।୫(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ବାଂଶପାଳ ବ୍ଲକ୍ ଅନ୍ତର୍ଗତ ଶୁଆକାଟିସ୍ଥିତ ପାଟେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳର ୩୩ତମ ବାର୍ଷିକ ଉତ୍ସବ ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟକ୍ଷ ରମାକାନ୍ତ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ କେନ୍ଦୁଝର ଏମ୍‌ପି ଅନନ୍ତ ଚରଣ ନାୟକ, ସମ୍ମାନିତ ଅତିଥିଭାବେ ତେଲକୋଇ ବିଧାୟକ ଫକିର ମୋହନ ନାୟକ, ଧରଣୀଧର ବିଶ୍ୱବିଦ୍ୟାଳୟର ସ୍ୱତନ୍ତ୍ର ଅଧିକାରୀ ତଥା କୁଳପତି ପ୍ରଫେସର ପ୍ରତାପ ମହାନ୍ତି, ଭାଜପା ଜିଲା ସଭାପତି ଶୁକଦେବ ମହାନ୍ତ, ସ୍ୱେଚ୍ଛାସେବୀ ରଞ୍ଜନ ବାରିକ, ବକ୍ତା ବ୍ରହ୍ମଚାରୀ ଦର୍ଶନ ବିଦ୍ୟାର୍ଥୀ ଯୋଗଦେଇଥିଲେ। ଅତିଥିଗଣ ଛାତ୍ରୀଛାତ୍ରଙ୍କୁ ଉଚିତ ମାର୍ଗରେ ଆଗେଇବା ସହିତ ଚରିତ୍ରକର୍ତ୍ତା, ସଂସ୍କାରିତ ଦିଗରେ ଯତ୍ନବାନ ହେବା ପାଇଁ ଆହ୍ୱାନ ଦେଇଥିଲେ। ଅଧାପକ ଅମରେଶ ଚନ୍ଦ୍ର ନାୟକ ସଭା ପରିଚାଳନା କରିଥିଲେ। ଅର୍ଥନୈତିକ ବିଭାଗ ଅଧାପିକା ଅନୁପମା ମହାପାତ୍ର ପୁରସ୍କାର ବିତରଣୀରେ ସଂକ୍ରିୟ ସହଯୋଗ କରିଥିଲେ। ଅଧାପିକା ଗୀତାରାଣୀ ମହାନ୍ତ, ଶୁଭଦର୍ଶିନୀ ମହାପାତ୍ର, ସୁଜାତା ଗିରି, ଭାରତୀ ମହାନ୍ତ, ସେତଲିନା ମହାନ୍ତି, ସ୍ୱାଗତିକା ରାଉତ, ବନ୍ଦିତା ଭଟ୍ଟାଚାର୍ଯ୍ୟ, ଅଧାପକ ଶୁଭେନ୍ଦୁ ସାହୁ, ପ୍ରଶାନ୍ତ ନାଥ, ଆନନ୍ଦ ଚନ୍ଦ୍ର ନନ୍ଦ, ପ୍ରଶାନ୍ତ ଦାସ, ମନୋରଞ୍ଜନ ସାହୁ, ପ୍ରିୟବ୍ରତ ସାହୁଙ୍କ ସମେତ କର୍ମଚାରୀ ତ୍ରିଲୋଚନ ମହାନ୍ତ, ଅକ୍ଷୟ ମହାରଣା, ପରମାନନ୍ଦ ରଣା, ଧୃତରାଷ୍ଟ୍ର ସାହୁ, ଭାଗବତ ମହାନ୍ତ, ବସନ୍ତ ସାହୁ, ଅଞ୍ଜନା ମହାନ୍ତି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ହିତାଧିକାରୀ ଜାଣିନାହାନ୍ତି, ଉଠିଛି ଟଙ୍କା

## ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଆର୍ଥିକ ଅନିୟମିତତା

ଆନନ୍ଦପୁର,୨।୫(ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ଅଞ୍ଚଳରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ଆର୍ଥିକ ଅନିୟମିତତା ଅଭିଯୋଗ ହୋଇଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ମିଳିଥିବା ଗୃହ ନିର୍ମାଣ ପାଇଁ ଜିଲାରେ ପ୍ରତି ଘର ପିଛା ୯୫ ଦିନର ମଜୁରି ପ୍ରଦାନ ପାଇଁ ବ୍ୟବସ୍ଥା ରହିଛି। ଜିଲାରେ ଗୃହ ସମ୍ପୂର୍ଣ୍ଣ କରିଥିବା ଅନେକ ହଜାର ହିତାଧିକାରୀଙ୍କୁ ଏହି ଅର୍ଥ ପ୍ରଦାନ କରାଯାଇନାହିଁ। ଏପରିକି ଅନେକ ହିତାଧିକାରୀଙ୍କ ଅଜାଣତରେ ଅର୍ଥ ଉଠିଥିବା ଜଣାପଡ଼ିଛି। ପ୍ରଗତିଶୀଳ ମଞ୍ଚର ସଭାପତି ଯଜ୍ଞପ୍ରସାଦ ସାହୁ ଶୁକ୍ରବାର ଘଷିପୁରାସ୍ଥିତ ଏକ ହୋଟେଲରେ ଖବରଦାତା ସମ୍ମିଳନୀକରି ଏଭଳି ଅଭିଯୋଗ କରିଛନ୍ତି।

ଅଭିଯୋଗ ମୁତାବକ, ୩ ଆର୍ଥିକ ବର୍ଷରେ ଜିଲାରେ ବିଭିନ୍ନ କ୍ଷେତ୍ରରେ ପ୍ରାୟ ୪ ଶହ କୋଟି ଟଙ୍କାର ଆର୍ଥିକ କାରବାର ହୋଇଛି। ହାଟଡ଼ିହୀ ବ୍ଲକ୍ ଶାଳଣିଆଁ ପଞ୍ଚାୟତରେ ୨୦୧୪-୧୫ ଆର୍ଥିକ ବର୍ଷରୁ ଏଯାବତ୍ ୬୯୨ ଜଣଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ପ୍ରଦାନ କରାଯାଇଛି। ଅଧିକାଂଶ ହିତାଧିକାରୀ ଘର ସମ୍ପୂର୍ଣ୍ଣକରି ୧ ଲକ୍ଷ ୩୦ ହଜାର ଟଙ୍କା ଅନୁଦାନ ପାଇଥିଲେ ମଧ୍ୟ ଜବ୍‌କାର୍ଡ ମାଧ୍ୟମରେ ୯୫ ଦିନର ଶ୍ରମ ମଜୁରି ପାଇନାହାନ୍ତି। ସୋଲପଟ୍ଟା ଗ୍ରାମର ହିତାଧିକାରୀ ଗାୟତ୍ରୀ ଜେନା, ମଞ୍ଜୁଲତା ନାୟକ ଗୃହ ଶେଷ କରିଥିଲେ ମଧ୍ୟ ମଜୁରି ଅର୍ଥ ପାଇନାହାନ୍ତି। ସେହିପରି ଶାଳଣିଆଁ ଗ୍ରାମର ଅହଲ୍ୟା ବିଶ୍ୱାଳ, ବିଷ୍ଣୁପୁର ଗ୍ରାମର ନିରୁପମା ପାତ୍ର, ଜାନକୀ ଜେନା, ବ୍ରାହ୍ମଣୀକଳାର ସୁଷମା ଜେନା, ଦେବକୀ ସ୍ୱାଇଁ, ସୋଲପଟା ଗ୍ରାମର ଅଲେଖ ନାୟକ ପ୍ରମୁଖ ଶତାଧିକ ହିତାଧିକାରୀଙ୍କୁ ମାତ୍ର ଦିନକର ମଜୁରି ବାବଦକୁ ୨୩୭ ଟଙ୍କା ଲେଖାଏ ପ୍ରଦାନ କରାଯାଇଛି। ତେବେ ପ୍ରତି ହିତାଧିକାରୀଙ୍କୁ ୨୨ ହଜାର ୫୧୫ ଟଙ୍କା ବଦଳରେ ମାତ୍ର ୨୩୭ ଟଙ୍କା ମିଳିଛି। ଅପରପକ୍ଷରେ ଗୃହକାମ ଆରମ୍ଭକରି ନ ଥିବା ଶାଳଣିଆଁ ପଞ୍ଚାୟତର ୪୪ ହିତାଧିକାରୀଙ୍କ ଘର ନିର୍ମାଣ ନାମରେ ମିଥ୍ୟା ମଷ୍ଟର ରୋଲ୍ ଖୋଲି ୮ ଲକ୍ଷରୁ ଅଧିକ ଟଙ୍କା ଆତ୍ମସାତ୍ ହୋଇଛି। ୪୪ ଜଣ ହିତାଧିକାରୀଙ୍କ କ୍ଷେତ୍ରରେ ସେମାନଙ୍କର ଜବ୍‌କାର୍ଡ ନିଜ ଗୃହ ନିର୍ମାଣରେ ବ୍ୟବହାର କରା ନ ଯାଇ ଅନ୍ୟ ଗ୍ରାମର କାର୍ଡକୁ ବ୍ୟବହାର କରାଯାଇଛି। ଶାଳଣିଆଁ ଗ୍ରାମର ନାରାୟଣ ଚନ୍ଦ୍ର ଜେନା ୨୦୧୮ରେ ପ୍ରଧାନମନ୍ତ୍ରୀ ଆବାସ ନିର୍ମାଣ ପାଇଁ କାର୍ଯ୍ୟାଦେଶ ପଞ୍ଜୀକରଣ ସଂଖ୍ୟା (ଓଆର୍୨୨୨୯୮୫୧) ପାଇଥିଲେ। ପ୍ରଥମ କିସ୍ତି ବାବଦକୁ ସେ ମାତ୍ର ୨୦ ହଜାର ଟଙ୍କା ପାଇଥିଲେ। ଗତ ୭ ବର୍ଷ ମଧ୍ୟରେ ସେ ଗୃହ ନିର୍ମାଣ କରିପାରିନାହାନ୍ତି। ତେବେ ମଜୁରି ବାବଦକୁ ତାଙ୍କ ଘର ହୋଇଥିବା ଦର୍ଶାଇ ୧୭ ହଜାର ୭୮୦ ଟଙ୍କା ଉଠାଣ ହୋଇଛି। ୧୦ ଜଣ ଜବ୍‌କାର୍ଡଧାରୀ ଶ୍ରମିକ ୭ ଦିନ ଲେଖାଏ କାମକରି ଏହି ଅର୍ଥ ଉଠାଣ କରିଥିବା ଜଣାପଡ଼ିଛି। ସୋଲପଟା ଗ୍ରାମର ଅନାଥ ଜେନା, ତ୍ରିନାଥ ବାରିକ, ତପସ୍ୱିନୀ ନାୟକ, ଅଭିମନ୍ୟୁ ସ୍ୱାଇଁ ମଷ୍ଟର ରୋଲ୍ ସଂଖ୍ୟା ୮୩୪୮, ୮୪୪୯, ୧୦୨୨୯ରେ ଏହି ଅର୍ଥ ଉଠାଇଥିବା ଜଣାପଡ଼ିଛି। ନିର୍ଦ୍ଦେଶାବଳୀ ଅନୁଯାୟୀ, ହିତାଧିକାରୀ ନିଜେ ନିଜେ କିମ୍ବା ନିଜ ପରିବାର ସଦସ୍ୟଙ୍କ ଜବ୍‌କାର୍ଡ ଜରିଆରେ କାର୍ଯ୍ୟକରି ଅର୍ଥ ଉଠାଣ କରିବେ। ତେବେ ନିୟମକୁ ଉଲ୍ଲଂଘନ କରାଯାଇ ଅର୍ଥ ଆତ୍ମସାତ୍ ହୋଇଛି। ଅପରପକ୍ଷରେ ବିଷ୍ଣୁପୁର ଗ୍ରାମର ମାନସୀ ଜେନା, ସଞ୍ଜୁଲତା ଜେନା ଘର କରି ନ ଥିଲେ ମଧ୍ୟ ତାଙ୍କତା କରାଯାଇ ମଷ୍ଟର ରୋଲ୍ ମାଧ୍ୟମରେ ଯଥାକ୍ରମେ ୨୨ ହଜାର ୮୭୬, ୨୧ ହଜାର ୫୭୩ ଟଙ୍କା ଉଠାଣ ହୋଇଥିବା ଆଇଟିଆଇରୁ ସୂଚନା ମିଳିଥିବା କହିଥିଲେ। ଖବରଦାତା ସମ୍ମିଳନୀରେ ଉପସ୍ଥିତ ସାମାଜିକ କର୍ମୀ ହିମାଂଶୁ ଶେଖର ନାୟକ କହିଥିଲେ, ୨୦୨୪-୨୫ ଆର୍ଥିକ ବର୍ଷରେ ଶାଳଣିଆଁ ପଞ୍ଚାୟତରେ ଜବ୍‌କାର୍ଡ ମାଧ୍ୟମରେ ୩୭ ଲକ୍ଷ ୩୭ ହଜାର ଟଙ୍କା ଉଠାଣ ହୋଇଛି। ହାଟଡ଼ିହୀ ବ୍ଲକ୍‌ରେ ଏହି ବର୍ଷ ମୋଟ ୮ କୋଟି ୯୫ ଲକ୍ଷ ଟଙ୍କା ଜବ୍‌କାର୍ଡ ମାଧ୍ୟମରେ ଉଠାଣ ହୋଇଛି। ସେହିପରି ଘଷିପୁରା ବ୍ଲକ୍‌ରେ ୬ କୋଟି ୮୬ ଲକ୍ଷ ୯୨ ହଜାର ଓ ଆନନ୍ଦପୁର ବ୍ଲକ୍‌ରେ ୧୧ କୋଟି ୧୭ ଲକ୍ଷ ୮୫ ହଜାର ଟଙ୍କା ଉଠାଣ ହୋଇଛି। ଜିଲାରେ ଗତ ୩ ଆର୍ଥିକ ବର୍ଷରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଜବ୍‌କାର୍ଡ ମାଧ୍ୟମରେ ୩୯୮ କୋଟି ୯୯ ଲକ୍ଷ ଟଙ୍କା ଉଠାଣ ହୋଇଛି। ଏଥିରେ ପୋଖରୀ ଖୋଳା, ମୃତ୍ତିକା ସଂରକ୍ଷଣ, ଫାର୍ମ ପଣ୍ଡ, ଆବାସ ଗୃହ ନିର୍ମାଣ, ଚାରାରୋପଣ ନାମରେ ହିତାଧିକାରୀଙ୍କୁ ଢାଲକରି ଏହି ଅର୍ଥ ଆତ୍ମସାତ୍ ହୋଇଥିବା ନାୟକ ଅଭିଯୋଗ କରିଛନ୍ତି। ଦୁର୍ନୀତିରେ ସମ୍ପୃକ୍ତ ଓ ଏହାକୁ ପ୍ରୋତ୍ସାହିତ କରୁଥିବା ସରକାରୀ କର୍ମଚାରୀ ଓ ଜନପ୍ରତିନିଧିଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି।

# ମାଟ୍ରିକ ଏ–୧ରେ ବାଲେଶ୍ୱର ଆଗରେ


ବାଲେଶ୍ୱରର ଏକ ବିଦ୍ୟାଳୟରେ ଖୁସି ମନାଉଛନ୍ତି ଛାତ୍ରୀଛାତ୍ର।

**ବାଲେଶ୍ୱର, ୨।୫(ବାଞ୍ଛାନିଧି ଦେ)**

## ପ୍ରକାଶ ପାଇଲା ମାଟ୍ରିକ ପରୀକ୍ଷା ଫଳ, ପାସ୍ ହାର ୯୭.୫୬%

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଶୁକ୍ରବାର ଚଳିତବର୍ଷର ମାଟ୍ରିକ ପରୀକ୍ଷାଫଳ ପ୍ରକାଶ ପାଇଛି। ଏଥିରେ ବାଲେଶ୍ୱର ଜିଲାର ପାସ୍ ହାର ୯୭.୫୬% ହୋଇଥିବା ବେଳେ ପୂର୍ବବର୍ଷଠାରୁ ଏହା ଅଧିକ ରହିଥିବା ଜଣାପଡ଼ିଛି। ଗତବର୍ଷ ଜିଲାରେ ପାସ୍ ହାର ଥିଲା ୯୬.୦୫%। ଚଳିତବର୍ଷ ମଧ୍ୟ ଜିଲାରେ ପାସ୍ କରିଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରେ ଛାତ୍ରଙ୍କଠାରୁ ଆଗରେ ରହିଛନ୍ତି ଛାତ୍ରୀ। ଅପରପକ୍ଷରେ ଚଳିତବର୍ଷ ଜିଲାରେ ସବୁଠୁ ଅଧିକ ଛାତ୍ରୀଛାତ୍ର ଏ–୧ ଗ୍ରେଡ୍‌ରେ କୃତକାର୍ଯ୍ୟ ହୋଇଛନ୍ତି। ସେହିପରି ୧୯ଜଣ ଛାତ୍ରୀଛାତ୍ର ଟପ୍–୧୦ ତାଲିକାରେ ରହିଛନ୍ତି।

ଚଳିତବର୍ଷର ଜିଲାର ୫୨୪ଟି ହାଇସ୍କୁଲରେ ମୋଟ ୨୯ହଜାର ୯୪୬ଜଣ ଛାତ୍ରୀଛାତ୍ର ମାଟ୍ରିକ ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ୨୮ହଜାର ୫୨୫ ଜଣ ପାସ୍ କରିଛନ୍ତି। ୧୪ହଜାର ୪୦୮ଜଣ ଛାତ୍ରୀ ରହିଥିବା ବେଳେ ୧୪ ହଜାର ୧୧୭ଜଣ ଛାତ୍ର ରହିଛନ୍ତି। ତେବେ ଛାତ୍ରଙ୍କଠାରୁ ଅଧିକ ୨୯୧ ଜଣ ଛାତ୍ରୀ ପାସ୍ କରିଛନ୍ତି। ବାଗୁଡ଼ି ନୋଡ଼ାଲ ହାଇସ୍କୁଲର ଛାତ୍ରୀ ଲିପ୍‌ସିତା ସାହୁ ୫୮୩ ନମ୍ବର ରଖି ଜିଲାରେ ଟପ୍ପର୍ ହୋଇଛନ୍ତି। ଡୁଙ୍ଗୁରା ଦର୍ଶନ ପ୍ରସାଦ ନୋଡ଼ାଲ ହାଇସ୍କୁଲର ଛାତ୍ରୀ ସମୀକ୍ଷା ସମନ୍ୱିତା ଶତପଥୀ ୫୮୨ ନମ୍ବର ରଖି ଦ୍ୱିତୀୟ, ଡିଟିଏଲ୍‌କେ ନୋଡ଼ାଲ ହାଇସ୍କୁଲ ଛାତ୍ରୀ ଅରସ୍ମିତା ପ୍ରଧାନ ୫୭୩ ନମ୍ବର ରଖି ତୃତୀୟ, ଜଳେଶ୍ୱର ନୋଡ଼ାଲ ହାଇସ୍କୁଲ ଛାତ୍ରୀ ଶିକ୍ଷାଦର୍ଶିନୀ ପରିଡ଼ା ୫୬୮ ନମ୍ବର ରଖି ଚତୁର୍ଥ, ବସ୍ତା ଏସ୍‌ଏନ୍ ହାଇସ୍କୁଲ ଛାତ୍ର ପ୍ରିୟାଂଶୁ ଶେଖର ବେହେରା ୫୬୭ ନମ୍ବର ରଖି ପଞ୍ଚମ ସ୍ଥାନରେ ରହିଛନ୍ତି। ସେହିପରି ଅନ୍ୟ ୧୪ ଜଣ ଛାତ୍ରୀଛାତ୍ର ୫୬୫ ନମ୍ବର ଲେଖାଏଁ ରଖି ଟପ୍–୧୦ ତାଲିକାରେ ସାମିଲ ହୋଇଛନ୍ତି।

ଚଳିତବର୍ଷ ଜିଲାରେ ଏ–୧ରେ ୨୬୭ଜଣ ଛାତ୍ରୀଛାତ୍ର ପାସ୍ କରିଛନ୍ତି। ସେହିପରି ଏ–୨ରେ ୧୬୯୬, ବି–୧ରେ ୪୫୦୦, ବି–୨ରେ ୬୭୦୨, ସି'ରେ ୬୯୯୦, ଡି'ରେ ୫୮୬୯, ଇ'ରେ ୨୫୦୧ ଜଣ ପାସ୍ କରିଛନ୍ତି। ତେବେ ଚଳିତବର୍ଷ ଜିଲାରେ ମୋଟ୍ ୭୦୩ ଜଣ ଛାତ୍ରୀଛାତ୍ର ଫେଲ୍ ହୋଇଛନ୍ତି। ସେହିପରି ବିଭିନ୍ନ କାରଣ ପାଇଁ ୭୦୭ ଜଣ ଛାତ୍ରୀଛାତ୍ର ପରୀକ୍ଷା କେନ୍ଦ୍ରରେ ଅନୁପସ୍ଥିତ ଥିଲେ। ଏହାବାଦ୍ ୧୦ ଜଣ ଛାତ୍ରୀଛାତ୍ର ଏମ୍‌ପି(ମାଲ୍ ପ୍ରାକ୍ଟିସ୍) ହୋଇଥିବା ବେଳେ ଜଣେ ପରୀକ୍ଷାର୍ଥୀଙ୍କ ପରୀକ୍ଷାଫଳ କୌଣସି କାରଣ ପାଇଁ ପ୍ରକାଶ ପାଇ ନ ଥିବା ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜଣାପଡ଼ିଛି।

**ବ୍ଲକ ଟପ୍ପର**

### ଖଇରା: ସମୀକ୍ଷା ସମନ୍ୱିତା

**ଖଇରା, ୨।୫ (ଉତ୍କଳବନ୍ଧୁ ପଣ୍ଡା)**



ଖଇରା ବ୍ଲକ ଡୁଙ୍ଗୁରା ଦର୍ଶନ ପ୍ରସାଦ ହାଇସ୍କୁଲ ଛାତ୍ରୀ ସମୀକ୍ଷା ସମନ୍ୱିତା ଶତପଥୀ ମାଟ୍ରିକ ପରୀକ୍ଷାରେ ୫୮୨ମାର୍କ ରଖି ବ୍ଲକରେ ଟପ୍ପର ଓ ଜିଲାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ସେ ସଫଳତାର ଶ୍ରେୟ ଶିକ୍ଷୟିତ୍ରୀ ମା' ଗିତିପ୍ରଭା ଓ ଅଧ୍ୟାପକ ବାପା ସଞ୍ଜୟ ଶତପଥୀ ପ୍ରଦାନ କରିଛନ୍ତି। ସମୀକ୍ଷାଙ୍କ ଘର ଖଇରାବ୍ଲକ ପାଣିଛତ୍ର ଗ୍ରାମରେ।

### ଜଳେଶ୍ୱର: ଶିକ୍ଷାଦର୍ଶିନୀ

**ଜଳେଶ୍ୱର, ୨।୫ (ନବୀନ ସାହୁ)**



ଜଳେଶ୍ୱର ବ୍ଲକ ଜଳେଶ୍ୱର ପୌରପାଳିକାର ନହଞ୍ଜରା ଗ୍ରାମର ନାରାୟଣ ଚନ୍ଦ୍ର ପରିଡ଼ା ଝିଅ ଶିକ୍ଷାଦର୍ଶିନୀ ପରିଡ଼ା ୫୬୮ନମ୍ବର ରଖି ଜଳେଶ୍ୱର ବ୍ଲକ ଟପ୍ପର ହୋଇଛନ୍ତି। ଶିକ୍ଷାଦର୍ଶିନୀ ଜଳେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟରେ ଛାତ୍ରୀ ହୋଇଥିବା ବେଳେ ଏହି ସଫଳତା ହାସଲ କରିଛନ୍ତି। ସେ ଦିନକୁ ସ୍କୁଲ ସମୟକୁ ଛାଡ଼ି ୧୦ରୁ ୧୨ ଘଣ୍ଟା ପରିଶ୍ରମ କରୁଥିଲେ।

### ଭୋଗରାଇ: ଅରୋସ୍ମିତା

**ଭୋଗରାଇ, ୨।୫ (ପ୍ରଦୀପ ଦାସ)**



ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଦକ୍ଷିଣ ଦେଘରୀ ଲକ୍ଷ୍ମୀକାନ୍ତ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଅରୋସ୍ମିତା ପ୍ରଧାନ ୫୭୩ ନମ୍ବର ରଖି ବ୍ଲକ ଟପ୍ପର ସହିତ ଜିଲାରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେ ଦିନକୁ ୧୦ରୁ ୧୨ ଘଣ୍ଟା ପାଠ ପଢୁଥିଲେ। ତାଙ୍କର ସଫଳତାର ଶ୍ରେୟ ସ୍କୁଲର ଗୁରୁମା' ଗୁରୁଜୀ ଓ ପରିବାରକୁ ଦେଇଛନ୍ତି।

### ନୀଳଗିରି ଉପଖଣ୍ଡ: ଜୟପ୍ରକାଶ, ନଭନିତ ଯୁଗ୍ମ ଉପଖଣ୍ଡ ଟପ୍ପର

**ନୀଳଗିରି, ୨।୫ (ପ୍ରଶାନ୍ତ ବିଶ୍ୱାଳ)**

ନୀଳଗିରି ବ୍ଲକରେ ମୋଟ ୧୯୩୭ ଜଣ ପରୀକ୍ଷାର୍ଥୀ ମାଟ୍ରିକ ପରୀକ୍ଷା ଦେଇଥିଲେ। ଏ୧ରେ ମୋଟ ୯ ଜଣ ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ଅଯୋଧ୍ୟା ନୋଡ଼ାଲ ହାଇସ୍କୁଲର ପିତା କମଳାକାନ୍ତ ବେହେରା, ମାତା ସୁମତୀ ବେହେରାଙ୍କ ପୁଅ ଜୟପ୍ରକାଶ ବେହେରା ଓ ମିତ୍ରପୁର ମହିଳା ଉଚ୍ଚବିଦ୍ୟାଳୟର ଜୟନ୍ତ ପ୍ରଧାନ ଓ ମା' ସୁଭଦ୍ରା ପ୍ରଧାନଙ୍କ ପୁଅ ନଭନୀତ ପ୍ରଧାନ ୫୬୦ ନମ୍ବର ରଖି ଯୁଗ୍ମ ଉପଖଣ୍ଡ ଟପ୍ପର ହୋଇଛନ୍ତି।

# 'ପର୍ଯ୍ୟଟନର ପେଣ୍ଠସ୍ଥଳ ହେବ ତାଳସାରୀ– ଉଦୟପୁର ବେଳାଭୂମି'

## ସ୍ଥିତି ଅନୁଧ୍ୟାନ କଲେ, ବିକାଶର ପ୍ରତିଶ୍ରୁତି ଦେଲେ ଉପମୁଖ୍ୟମନ୍ତ୍ରୀ


ବେଳାଭୂମି ପରିଦର୍ଶନ ସମୟରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ଏମ୍‌ପି ଓ ଅନ୍ୟମାନେ।

**ଭୋଗରାଇ, ୨।୫(ପ୍ରଦୀପ ଦାସ)**

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ତାଳସାରୀ ଓ ଉଦୟପୁର ବେଳାଭୂମିରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଶୁକ୍ରବାର ପହଞ୍ଚି ତଟ ସୁରକ୍ଷା ପଥରବନ୍ଧ, ଉଦୟପୁର ଗଙ୍ଗାମାତା ମନ୍ଦିର ଓ ବେଳାଭୂମିର ସୌନ୍ଦର୍ଯ୍ୟକରଣ କାର୍ଯ୍ୟର ସ୍ଥିତି ଅନୁଧ୍ୟାନ କରିଛନ୍ତି। ତାଳସାରୀ–ଉଦୟପୁର ବେଳାଭୂମି ଭୋଗରାଇ ପର୍ଯ୍ୟଟନର ପେଣ୍ଠସ୍ଥଳ ହେବ ଓ ବିକାଶର ଧାରା ତ୍ୱରାନ୍ୱିତ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

ଉପମୁଖ୍ୟମନ୍ତ୍ରୀ ହେଲିକପ୍ଟର ଯୋଗେ ପ୍ରଥମେ ଭୋଗରାଇ ବ୍ଲକ ବିନ୍ଧାପଦ୍ମପୁର ହେଲିପ୍ୟାଡ ପଡ଼ିଆରେ ଅପରାହ୍ନ ୧ଟା ୧୦ରେ ଅବତରଣ କରି ସ୍ୱତନ୍ତ୍ର କାର୍ ଯୋଗେ ପହଞ୍ଚିଥିଲେ। ଏତଦ୍‌ଭିନ୍ନ ଭୋଗରାଇର ବିଶ୍ୱ ପ୍ରସିଦ୍ଧ ସର୍ବବୃହତ ଶିବଲିଙ୍ଗ ବାବା ଭୂଷଣ୍ଡେଶ୍ୱର ମହାଦେବଙ୍କ ମନ୍ଦିର ନିର୍ମାଣ, ଚନ୍ଦନେଶ୍ୱର ମନ୍ଦିର ଓ ମା' ବିଜୟା ବାସୁଳିଙ୍କ ମନ୍ଦିର ପାଇଁ ସମୀକ୍ଷା କରିଥିଲେ। ସୂଚନା ଅନୁଯାୟୀ ୨୦୧୧ରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତାଳସାରୀ ବେଳାଭୂମି ମହୋତ୍ସବ ଉଦ୍‌ଘାଟନ କରି ଏହି ବେଳାଭୂମିକୁ ବିଶ୍ୱ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦିଆଯିବ ବୋଲି ଘୋଷଣା କରିଥିଲେ। ଉଦୟପୁର –ତାଳସାରୀ ତଟ ସୁରକ୍ଷା ପାଚେରୀ ପଥର ବନ୍ଧ ନିମନ୍ତେ ୫୬ କୋଟି ଓ ସୌନ୍ଦର୍ଯ୍ୟକରଣ ପାଇଁ ୨୯କୋଟି ଟଙ୍କା ଟଙ୍କା ମଞ୍ଜୁର ହୋଇ କାର୍ଯ୍ୟ ଦୀର୍ଘବର୍ଷ ଧରି ମନ୍ଥର ଗତିରେ ଚାଲି ଆସୁଛି। ଏହି କାର୍ଯ୍ୟର ସମୀକ୍ଷା, ଅନୁଧ୍ୟାନ ଓ କାର୍ଯ୍ୟର ଦ୍ରୁତ ତ୍ୱରାନ୍ୱିତ ନିମନ୍ତେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ସହ ରାଜ୍ୟ ପର୍ଯ୍ୟଟନ ସଚିବ ବଲବନ୍ତ ସିଂ, ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଏସ୍‌ପି ରାଜ ପ୍ରସାଦ, ଏମ୍‌ପି ପ୍ରତାପ ଚନ୍ଦ୍ର ଷଡଙ୍ଗୀ, ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ଖୁଶବନ୍ତ ସିଂ, ସହକାରୀ ବନ ସଂରକ୍ଷକ ଅଧିକାରୀ ଜୟଶ୍ରୀ ମୁର୍ମୁ, ଜିଲା ଅଧୀକ୍ଷଣ ଯନ୍ତ୍ରୀ ପିନାକୀ ପ୍ରସାଦ ସ୍ୱାଇଁ, ତହସିଲଦାର ସୂର୍ଯ୍ୟ କୁମାର ନାୟକ, ସୁପରଭାଇଜର ପ୍ରଦୀପ କୁମାର ଭଞ୍ଜ ପ୍ରମୁଖ ଉଦୟପୁର ଓ ତାଳସାରୀ ବେଳାଭୂମିର ପଥରବନ୍ଧ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟର ସ୍ଥିତି ଅନୁଧ୍ୟାନ କରିଥିଲେ।

# ଅମୃତ ଷ୍ଟେଶନ ପ୍ରକଳ୍ପ କାର୍ଯ୍ୟ ଅନୁଧ୍ୟାନ କଲେ ଡିଆର୍‌ଏମ୍

**ବାଲେଶ୍ୱର, ୨।୫(ବାଞ୍ଛାନିଧି ଦେ)**

## ଯାତ୍ରୀଙ୍କ ସୁବିଧା, ସୁରକ୍ଷା ଦିଗରେ ଯାଞ୍ଚ

ଦକ୍ଷିଣପୂର୍ବ ରେଳପଥର ଖଡ଼ଗପୁର ଡିଭିଜନାଲ ରେଳପଥ ମ୍ୟାନେଜର (ଡିଆର୍‌ଏମ୍) କେଆର୍ ଚୌଧୁରୀ ଶୁକ୍ରବାର ହିଜଳି–ରାଣୀତାଲ ସେକ୍ସନ ଅଧୀନ ବିଭିନ୍ନ ରେଳଷ୍ଟେଶନ ପରିଦର୍ଶନ କରିଥିଲେ। ରେଲୱେ ଅଧିକାରୀଙ୍କ ଉପସ୍ଥିତିରେ ସମସ୍ତ ଷ୍ଟେଶନର ସୁବିଧା, ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ଏହି ସେକ୍ସନ ଅନ୍ତର୍ଗତ ବେଲଦା, ଜଳେଶ୍ୱର, ଅମର୍ଦ୍ଦାରୋଡ୍, ରୂପସା ଏବଂ ବାଲେଶ୍ୱର ରେଳଷ୍ଟେଶନ ପରିଦର୍ଶନ କରି ସେ ବିସ୍ତୃତ ଭାବେ ଯାଞ୍ଚ କରିଥିଲେ। ଡିଆର୍‌ଏମ୍ ଚୌଧୁରୀ ଷ୍ଟେଶନ, ୟାର୍ଡ ଏବଂ ପ୍ୟାନେଲ ରୁମ୍‌ରେ ଯାତ୍ରୀମାନଙ୍କ ସୁବିଧା ଓ ସୁରକ୍ଷା ଦିଗଗୁଡ଼ିକ ଉପରେ ଯାଞ୍ଚ କରିଥିଲେ। କର୍ତ୍ତବ୍ୟରତ କର୍ମଚାରୀଙ୍କ ସହିତ ଏ ସମ୍ପର୍କରେ ଆଲୋଚନା କରିଥିଲେ।

ବେଲଦା, ଜଳେଶ୍ୱର ଏବଂ ବାଲେଶ୍ୱର ଷ୍ଟେଶନରେ ଅମୃତ ଷ୍ଟେଶନ ପ୍ରକଳ୍ପର ନିର୍ମାଣାଧୀନ ବିକାଶ କାର୍ଯ୍ୟ ଏବଂ ତୃତୀୟ ଲାଇନ କାର୍ଯ୍ୟର ସମୀକ୍ଷା କରିଥିଲେ। କାର୍ଯ୍ୟଗୁଡ଼ିକୁ ସମୟସୀମା ମଧ୍ୟରେ ସମ୍ପୂର୍ଣ୍ଣ କରିବା ପାଇଁ ସମ୍ପୃକ୍ତ ଅଧିକାରୀ ଏବଂ ସୁପରଭାଇଜରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ସେ ବିଭିନ୍ନ ପଏଣ୍ଟ, କ୍ରସିଂ, ସିଗନାଲ ଏବଂ ରୂପସା ଷ୍ଟେଶନରେ ଥିବା ଗୁଡ୍‌ସ୍ ସେଡ୍ ମଧ୍ୟ ଯାଞ୍ଚ କରିଥିଲେ। ତାଙ୍କ ଯାଞ୍ଚ ସମୟରେ ଇଞ୍ଜିନିୟରିଂ, ଅପରେଟିଂ, ବାଣିଜ୍ୟିକ, ସିଗନାଲ ଆଣ୍ଡ ଟେଲିକମ୍ୟୁନିକେଶନ, ବୈଦ୍ୟୁତିକ ଏବଂ ଅନ୍ୟାନ୍ୟ ବିଭାଗର ଅଧିକାରୀଗଣ ଉପସ୍ଥିତ ଥିଲେ।


ଡିଆର୍‌ଏମ୍ ଅନ୍ୟ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

# ହନୁମାନଙ୍କ ପ୍ରତିଷ୍ଠା ଉତ୍ସବ

**ବାହାନଗା, ୨।୫(ଅରୂପ୍ କୁମାର ଦାସ)**

ବାହାନଗା ବ୍ଲକ ବରିପଦା ପଞ୍ଚାୟତର ଅଟାସପୁର ଗ୍ରାମରେ ଗତ ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ହନୁମାନଙ୍କ ପ୍ରତିଷ୍ଠା ଉତ୍ସବ ବୁଧବାର ଉଦଯାପିତ ହୋଇଛି। ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ମଙ୍ଗଳବାର କଳସ ଉତ୍ତୋଳନ କରାଯାଇଥିଲା। ଅଧିବାସ ଅନୁଷ୍ଠିତ ହୋଇଥିଲା। ବୁଧବାର ଯଜ୍ଞ କରାଯାଇ ପୂର୍ଣ୍ଣାହୂତି ଦିଆଯାଇଥିଲା। ଏଥିରେ କର୍ତ୍ତାକର୍ତ୍ତା ଭାବେ ସବିତା ବିଶ୍ୱାଳ, ବାବୁ ବିଶ୍ୱାଳ କାର୍ଯ୍ୟ ତୁଲାଇଥିଲେ। ନରେନ୍ଦ୍ର ଦାସ, ସୋମନାଥ ଦାସ, ସୁବାସ ମଲିକ, ମନ୍ମଥ ଦାସ, ପ୍ରଫୁଲ୍ଲ ଦାସ, ଗୌତମ ମଲିକ ସହଯୋଗ କରିଥିଲେ।


ସର୍କିଟ ହାଉସ୍‌ଠାରେ ଶୁକ୍ରବାର ଆୟୋଜିତ ଧରିତ୍ରୀ ବାଲେଶ୍ୱର ଜିଲା ଖବରଦାତାଙ୍କ ବୈଠକରେ ଉପସ୍ଥିତ ସମ୍ପାଦକ ତଥାଗତ ସତପଥୀ ଓ ଅନ୍ୟମାନେ।

# ପୋଖରୀରେ ବୁଡ଼ି ମୃତ୍ୟୁ

**ସୋର, ୨।୫(ଜନ୍ମେଜୟ ମିଶ୍ର)**

ସୋର ଥାନା ଅଧୀନ କୁଡ଼େଇ ଗ୍ରାମର ଶଙ୍କର୍ଷଣ ରାଉତ(୫୫) ଶୁକ୍ରବାର ପୋଖରୀରେ ବୁଡ଼ି ପ୍ରାଣ ହରାଇଛନ୍ତି। ଶଙ୍କର୍ଷଣ ଦ୍ୱିପ୍ରହରରେ କୌଣସି କାମରେ ଘରୁ ବାହାରକୁ ଯାଇ ଫେରୁଥିଲେ। ସେହି ସମୟରେ ରାସ୍ତା କଡ଼ରେ ଥିବା ଚହଲିମା ବାସୁଦେବ ପୋଖରୀରେ ଅସାବଧାନତାବଶତଃ ପଡିଯାଇଥିଲେ। ଘର ଲୋକେ ବହୁତ ଖୋଜାଖୋଜି କରିବା ପରେ ପୋଖରୀରେ ପଡିଯିବାର ସନ୍ଦେହ କରି ଦମକଳ ବାହିନୀକୁ ଜଣାଇଥିଲେ। ସୋର ଦମକଳ ବାହିନୀ ପହଞ୍ଚି ଶଙ୍କର୍ଷଣଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରିଥିଲେ। ଡାକ୍ତରଖାନାରେ ଡାକ୍ତର ମୃତ ଘୋଷଣା କରିଥିଲେ।

# କନିଷ୍ଠ ମାଇନିଂ ଅଧିକାରୀଙ୍କୁ ଆକ୍ରମଣ

**ନୀଳଗିରି, ୨।୫(ପ୍ରଶାନ୍ତ ବିଶ୍ୱାଳ)**

ନୀଳଗିରିରେ ଏବେ ପଥର, ମୋରମ ଚୋରାରେ ଚାଲିଥିବା ବେଳେ ଖଣି ମାଫିଆଙ୍କ ଆତଙ୍କରାଜ ବଢ଼ିଚାଲିଛି। ଶୁକ୍ରବାର କନିଷ୍ଠ ମାଇନିଂ ଅଧିକାରୀ ସମ୍ବିତ କୁମାର ମଣି ମହିଷାପଚ୍ଚା ଅଞ୍ଚଳକୁ ଯାଇ ତଦନ୍ତ କରି ବୋଲେରୋ (ନଂ.ଓଡି୦୧ଏଏଫ୍–୩୧୧୮) ରାତି ୮ଟା ବେଳେ ଫେରୁଥିଲେ। ନୀଳଗିରି ବସ୍‌ଷ୍ଟାଣ୍ଡ ନିକଟରେ ୩ଟି ବାଇକ୍‌ରେ ୬ଜଣ ଯୁବକ ସଂଘବଦ୍ଧ ହୋଇ ତାଙ୍କ ବୋଲେରୋ ଗାଡ଼ି ଆଗରେ ବାଇକ୍ ରଖି ଅବରୋଧ କରିଥିଲେ। ପରେ ସମସ୍ତେ ମିଶି ଡ୍ରାଇଭର ଏସ୍‌କେ ଏମ୍‌ଡି ଖାଲିକ୍ ଓ କନିଷ୍ଠ ଖଣି ଅଧିକାରୀ ସମ୍ବିତ କୁମାର ମଣିଙ୍କୁ ଆକ୍ରମଣ କରିବା ସହ ମାରପିଟ୍ କରି ଫେରାର ହୋଇଯାଇଥିଲେ। ପରେ ଅଧିକାରୀ ଓ ଡ୍ରାଇଭର ନୀଳଗିରି ମେଡିକାଲ ଯାଇ ଚିକିତ୍ସିତ ହୋଇ ନୀଳଗିରି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

# 'ରାଷ୍ଟ୍ର ନିର୍ମାଣରେ ଶ୍ରମିକଙ୍କ ଅବଦାନ ଅତୁଳନୀୟ'


ହିତାଧିକାରୀଙ୍କ ସହ ଅଧିକାରୀମାନେ।

**ବାଲେଶ୍ୱର, ୨।୫(ବାଞ୍ଛାନିଧି ଦେ)**

## ଜିଲାସ୍ତରୀୟ ଆନ୍ତର୍ଜାତିକ ଶ୍ରମିକ ଦିବସ

ବାଲେଶ୍ୱର ଗାନ୍ଧୀ ସ୍ମୃତି ଭବନଠାରେ ଜିଲାସ୍ତରୀୟ ଆନ୍ତର୍ଜାତିକ ଶ୍ରମିକ ଦିବସ ଗୁରୁବାର ପୂର୍ବାହ୍ନ ୧୦ଟାରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ରାଷ୍ଟ୍ର ନିର୍ମାଣରେ ଶ୍ରମିକଙ୍କ ଅବଦାନ ଅତୁଳନୀୟ ବୋଲି ବକ୍ତବ୍ୟରେ କହିଥିଲେ।

ଅତିରିକ୍ତ ଜିଲାପାଳ (ରାଜସ୍ୱ) ହେମନ୍ତ ସିଂ ଏହି ଉତ୍ସବରେ ଅଧ୍ୟକ୍ଷତା କରି ନିର୍ମାଣ ଶ୍ରମିକ ଓ ଅଣସଂଗଠିତ ଶ୍ରମିକଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ବାଲେଶ୍ୱର ବିଧାୟକ ମାନସ କୁମାର ଦତ୍ତ, ବସ୍ତା ବିଧାୟିକା ସୁବାସିନୀ ଜେନା, ଜିଲା ପରିଷଦ ସଭାପତି ନାରାୟଣ ଚନ୍ଦ୍ର ପ୍ରଧାନ ଯୋଗଦେଇ ୧୮ ବର୍ଷରୁ ଉର୍ଦ୍ଧ୍ୱ ଏବଂ ୬୦ ବର୍ଷରୁ କମ୍ ଶ୍ରମିକମାନେ ପଞ୍ଜୀକରଣ ପୋର୍ଟାଲରେ ଆବଶ୍ୟକ ସମସ୍ତ ତଥ୍ୟ ସଂଲଗ୍ନ କରିବା ସହ ସମସ୍ତ ଯୋଜନାର ସୁଫଳ ଲାଭ ଉଠାଇବା ପାଇଁ ପରାମର୍ଶ ଦେଇଥିଲେ। ପ୍ରଭାଗୀୟ ଶ୍ରମ ସଂସ୍ଥାପକ ସନ୍ତୋଷ କୁମାର ମହାନ୍ତି ଶ୍ରମିକ ଦିବସର ପାଳନର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗୋବର୍ଦ୍ଧନ ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅତିରିକ୍ତ ଶ୍ରମ ଅଧିକାରୀ ଶୈଳସୂତା ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଯୋଗ୍ୟ ନିର୍ମାଣ ଶ୍ରମିକ ହିତାଧିକାରୀଙ୍କୁ ଅତିଥିମାନେ ପରିଚୟ ପତ୍ର ପ୍ରଦାନ କରିଥିଲେ।

# ଦୋଦୁଲ୍ୟମାନ ସ୍ଥିତିରେ ୯ଶହ ଋଣୀ, ୨ ହଜାର ସଭ୍ୟ

**ଖଇରା, ୨।୫(ଉତ୍କଳ ବନ୍ଧୁ ପଣ୍ଡା)**

## କାର୍ଯ୍ୟକ୍ଷମ ହୋଇପାରୁନି ନୂତନ ଡଗରପଡା ସମବାୟ ସମିତି

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଡଗରପଡା ଓ ଶ୍ୟାମସୁନ୍ଦରପୁର ନୂତନ ସେବା ସମବାୟ ସମିତି ଭାବେ ଘୋଷଣା ହେବାର ୧ବର୍ଷରୁ ଉର୍ଦ୍ଧ୍ୱ ସମୟ ବିତିଯାଇଥିଲେ ହେଁ ଏପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇପାରୁନାହିଁ। ଗୋଟିଏପଟେ ପୁରୁଣା ସମିତି ନାମ କଟିଯାଇଥିବା ବେଳେ ନୂଆ ସମିତି କାର୍ଯ୍ୟକ୍ଷମ ହୋଇପାରୁ ନ ଥିବାରୁ ଋଣୀମାନେ ଋଣ ପରିଶୋଧ କରିପାରୁନାହାନ୍ତି। ଶ୍ୟାସୁନ୍ଦରପୁର ନୂଆ ସମିତି ଗଠନ ପାଇଁ କୌଣସି ପ୍ରକ୍ରିୟା ଆରମ୍ଭ ହୋଇ ନାହିଁ। ପ୍ରସ୍ତାବିତ ଡଗରପଡା ସମିତି ପ୍ରତିଷ୍ଠା କାର୍ଯ୍ୟ ଅଧାରେ ଅଟକି ରହିଥିବାରୁ ୨ହଜାରରୁ ଉର୍ଦ୍ଧ୍ୱ ସଭ୍ୟ ଅନିଶ୍ଚିତତା ଦେଇ ଗତି କରୁଛନ୍ତି। କାରଣ ନୂଆ ସମିତି ଗଠନ ପାଇଁ ପୁରୁଣା ୨ ସମିତି ଗଗନଧୂଳି ଓ ଗୋବିନ୍ଦପୁରରୁ ଚାଷୀଙ୍କ ନାମ କାଟି ଦିଆଯାଇଥିବାରୁ ପାଖାପାଖି ୯ଶହ ଋଣୀ ଦୋଦୁଲ୍ୟମାନ ଅବସ୍ଥାରେ ଗତି କରୁଛନ୍ତି।

ରବି ଓ ଖରିଫ ଚାଷ ପାଇଁ ଋଣ ନେଇଥିବା ଚାଷୀମାନଙ୍କ ପାଖରୁ ପରୁଣା ସମିତି ସୁଧ କିମ୍ବା ମୂଳ ନବାକୁ ମନା କରୁଛି। ନିର୍ଦ୍ଧାରିତ ସମୟରେ ଋଣ ପରିଶୋଧ ପାଇଁ ସରକାରଙ୍କ ତରଫରୁ ମିଳୁଥିବା ଶୂନ ପ୍ରତିଶତ ସୁଧ ଭଳି ସୁବିଧା, ରିହାତି ମୂଲ୍ୟରେ ମିଳୁଥିବା ସାର, ବିଷ ଓ ବିହନରୁ ଚାଷୀ ବଞ୍ଚିତ ହେଉଛନ୍ତି। ତୁରନ୍ତ ଚାଷୀମାନଙ୍କ ହିତକୁ ଦୃଷ୍ଟିରେ ରଖି ନୂଆ ସମିତି କାର୍ଯ୍ୟକ୍ଷମ କରାଇବାକୁ ଚାଷୀମାନେ ଦାବି କରିଛନ୍ତି। ଚାଷୀ ଓ ଋଣୀମାନଙ୍କ ଯାତାୟାତ ଅସୁବିଧାକୁ ଦୂର କରିବା ପାଇଁ ପାଖାପାଖି ବର୍ଷେ ତଳେ ଖଇରା ବ୍ଲକର ଡଗରପଡା ଓ ଶ୍ୟାମସୁନ୍ଦରପୁରଠାରେ ୨ଟି ନୂଆ ସମିତି ଗଠନ ପାଇଁ ଘୋଷଣା ହୋଇଥିଲା। ଶ୍ୟାମସୁନ୍ଦରପୁର ନୂଆ ସମିତି ପ୍ରତିଷ୍ଠା ପାଇଁ କୌଣସି କାର୍ଯ୍ୟ ହାତକୁ ନିଆଯାଇ ନ ଥିବା ବେଳେ ଡଗରପଡା ପାଇଁ ପ୍ରାଥମିକ ପର୍ଯ୍ୟାୟରେ ଆନୁଷଙ୍ଗିକ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ଗଗନଧୂଳି ସମିତି ଅଧୀନରୁ ବାସିନ୍ଦିପୁର, ଓହଡ, ଦେଉଳି, ନନ୍ଦପୁର, ବାହାଦଲପୁର, ଓଗାଳପୁର, ନରଣପୁର ଓ ମଧୁସୂଦନପୁର ଗ୍ରାମକୁ ଅଲଗା କରାଯାଇ ନୂଆ ଡଗରପଡା ସମିତି ଅଧୀନରେ ରଖାଯାଇଛି। ସେହିଭଳି ପୁରୁଣା ଗୋବିନ୍ଦପୁର ସମିତି ଅଧୀନରୁ ମଙ୍ଗଳପଡା, ଦିଘିତେନ୍ତୁଳି, ଡଗରପଡା, ନିଜଓରୁଷ, ପୁରୁଷୋତ୍ତମପୁର, ନୂଆସାହି, ମିର୍ଜାପୁର, ଗୁହାଳଗଡିଆ ଓ ଡାହାଣିପଦା ଆଦି ଗ୍ରାମ ଅଲଗା କରାଯାଇ ଉକ୍ତ ଡଗରପଡା ସମିତି ଅଧୀନକୁ ଅଣାଯାଇଛି। ହେଲେ ନୂଆ ସମିତିରେ ଖାତାପତ୍ର ସଜାଡିବାକୁ ନୂଆ କର୍ମଚାରୀଙ୍କ ଆବଶ୍ୟକତା ଥିବା ବେଳେ ଜିଲାସ୍ତରର ଅଧିକାରୀମାନେ କର୍ମଚାରୀ ନିଯୁକ୍ତ କରୁ ନ ଥିବାରୁ କାର୍ଯ୍ୟ କଚ୍ଛପ ଗତିରେ ଚାଲିଛି। ଯାହା ଚାଷୀଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ବୋଲି କୁହାଯାଉଛି। ଯଦି ସରକାରୀ ଭୁଲ ପାଇଁ ଚାଷୀମାନଙ୍କୁ ସୁବିଧା ସୁଯୋଗରୁ ଦୀର୍ଘ ସମୟ ଧରି ବଞ୍ଚିତ କରି ରଖାଯାଏ ତେବେ ଚାଷୀମାନେ ଆନ୍ଦୋଳନକୁ ଓହ୍ଲାଇବାକୁ ଦିଘିତେନ୍ତୁଳି ଗ୍ରାମର ଚାଷୀ ନିର୍ମଳ କୁମାର ପାଢୀ ଓ ପ୍ରଭାକର ରାଉତ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଜିଲା ଉପନିବନ୍ଧକ ସରୋଜିନୀ ନାୟକଙ୍କୁ ଯୋଗାଯୋଗ କରିବାରେ ଡଗରପଡା ନୂଆ ସମିତିରେ ଖାତାପତ୍ର ଠିକ୍ କରିବାକୁ ନୂଆ କର୍ମଚାରୀ ନିଯୁକ୍ତ କରାଯିବା ସମ୍ଭବ ହୋଇ ନ ଥିବା ବେଳେ ଗଗନଧୂଳି ସମିତି ସମ୍ପାଦକଙ୍କୁ ଏହି କାର୍ଯ୍ୟ ସମ୍ପୂର୍ଣ୍ଣ ପାଇଁ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଥିବା କହିଛନ୍ତି।

